ରବିବାର

ସକାଳ
THE SAKALA

ଏପ୍ରିଲ୍ ୫-୧୧ , ୨୦୨୬

# ସିନ୍ଧୁରା

- ଭାରତର ସାମୁଦ୍ରିକ ବାଣିଜ୍ୟ ପରମ୍ପରା
- ଭାରତୀୟ ନୌବାଣିଜ୍ୟ ଇତିହାସ
- ନୌବାଣିଜ୍ୟ ସଂସ୍କୃତି
- ହର୍ମୁଜ ପ୍ରଣାଳୀ : ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ
- ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ



# ଦରିଆ ପାରିର ବଣିକ



# ସା

ମୁଦ୍ରିକ ବାଣିଜ୍ୟ ଇତିହାସ ବେଶ୍ ପ୍ରାଚୀନ । ସାମୁଦ୍ରିକ ବ୍ୟବସାୟ ବିଶ୍ୱ ଅର୍ଥ ବ୍ୟବସ୍ଥାର ଜୀବନରେଖା ସଦୃଶ । ବାଣିଜ୍ୟ ପାଇଁ ରପ୍ତାନି ଓ ଆମଦାନିର ଏକ ପ୍ରମୁଖ ମାର୍ଗ ହେଉଛି ସମୁଦ୍ର ପଥ । ବିଶ୍ୱର ବିଭିନ୍ନ ଦେଶ ମଧ୍ୟରେ ସମୁଦ୍ର ପଥରେ ବାଣିଜ୍ୟ କାରବାର ହୋଇଥାଏ । ଭାରତର ସାମୁଦ୍ରିକ ଇତିହାସ ବେଶ୍ ପ୍ରାଚୀନ ଓ ଗୌରବମୟ । ଆମ ଦେଶର ନୌବାଣିଜ୍ୟ ପରମ୍ପରାର ଏକ ଗୌରବମୟ ଇତିହାସ ରହିଛି । ତେବେ ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ପରମ୍ପରା ଅତ୍ୟନ୍ତ ସମୃଦ୍ଧଶାଳୀ । ରାମାୟଣ, ମହାଭାରତ, ଋଗ୍ ବେଦ, ବାୟୁ ପୁରାଣ, ବୌଦ୍ଧଜାତକ, ମାର୍କଣ୍ଡେୟ ପୁରାଣ ଆଦି ବିଭିନ୍ନ ବେଦ, ପୁରାଣରେ ଏହାର ବର୍ଣ୍ଣନା ରହିଛି । ପ୍ରାଚୀନ କଳିଙ୍ଗର ସାଧବ ପୁଅମାନେ ବୋଇତ ନେଇ ବାଲି, ଜାଭା, ସୁମାତ୍ରା ଆଦି ଦେଶକୁ ଯାଇ ବାଣିଜ୍ୟ କରୁଥିଲେ । ଓଡ଼ିଶାରେ ଉପଲବ୍ଧ ଦ୍ରବ୍ୟ ନେଇ ଯାଉଥିଲେ, ଆଉ ବିଦେଶରୁ ବହୁ ଧନ, ରତ୍ନ, ମୋତି,ମାଣିକ୍ୟ ଧରି ଫେରୁଥିଲେ । ତେବେ ୧୯୧୯ ମସିହା ଏପ୍ରିଲ ୫ତାରିଖରେ ଭାରତରେ ନିର୍ମିତ ପ୍ରଥମ ବାଣିଜ୍ୟିକ ଜାହାଜ ମୁମ୍ବାଇରୁ ଲଣ୍ଡନ ଅଭିମୁଖେ ଯାତ୍ରା କରିଥିଲା । ନୌବାଣିଜ୍ୟ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ଥିଲା । କାରଣ ସେତେବେଳେ ସମୁଦ୍ର ପଥକୁ କେବଳ ବ୍ରିଟିଶମାନେ ନିୟନ୍ତ୍ରଣ କରୁଥିଲେ । ତେବେ ସିନ୍ଧୁ ସଭ୍ୟତା ସମୟରୁ ସମୁଦ୍ର ପଥରେ ବାଣିଜ୍ୟ କାରବାର ଆରମ୍ଭ ହୋଇଥିଲା । ଭାରତରେ ନିର୍ମିତ ପ୍ରଥମ ବାଣିଜ୍ୟିକ ଜାହାଜର ଯାତ୍ରାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ୧୯୬୪ ମସିହାରୁ ପ୍ରତିବର୍ଷ ଏପ୍ରିଲ ୫ ତାରିଖକୁ 'ଜାତୀୟ ସାମୁଦ୍ରିକ ଦିବସ' ବା 'ଜାତୀୟ ନୌବାଣିଜ୍ୟ ଦିବସ' ଭାବେ ପାଳନ କରାଯାଉଛି । ସାମୁଦ୍ରିକ ସୁରକ୍ଷା, ସାମୁଦ୍ରିକ ଜୈବ ବିବିଧତା ସଂରକ୍ଷଣ, ସମୁଦ୍ର କୂଳ ସଫେଇ, ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଓ ସଂରକ୍ଷଣ ଆଦି କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ । ଏହି ପରିପ୍ରେକ୍ଷୀରେ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ : **ଦରିଆ ପାରିର ବଣିଜ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ


**ମେଷ**

ରବିବାରରେ ପୈତୃକ ସଂପତ୍ତିକୁ ନେଇ ବିବାଦ ଦେଖାଦେବ । ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରର ସ୍ଥାନ ପରିବର୍ତ୍ତନର ଯୋଗ ଅଛି । ବୁଧ, ଗୁରୁବାରରେ ବ୍ୟବସାୟରେ ଉତ୍ତମ ଜ୍ଞାନକୌଶଳ ପ୍ରୟୋଗ କରିବେ । ଶୁକ୍ର, ଶନିବାରରେ ଉପରିସ୍ଥ କର୍ମଚାରୀଙ୍କ ସହିତ ବଚସା ହୋଇପାରେ ।


**ବୃଷ**

ରବିବାରରେ ପରିବାରରେ ସୁଖସମୃଦ୍ଧି ବୃଦ୍ଧି ପାଇବ । ସୋମ, ମଙ୍ଗଳବାରରେ ଅଳ୍ପ ପରିଶ୍ରମ କରି ଅଧିକ ଫଳ ପାଇବାର ଆଶା ରଖିବେ । ବୁଧ, ଗୁରୁବାରରେ ଅବିବାହିତମାନଙ୍କ ପାଇଁ ବିବାହ ପ୍ରସ୍ତାବ ସ୍ଥିରୀକୃତ ହେବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ସଂଯମତା ଅବଲମ୍ବନ କରନ୍ତୁ ।


**ମିଥୁନ**

ରବିବାରରେ ପୁରୁଣା ସମସ୍ୟାର ସମାଧାନ ହେବ । ସୋମ, ମଙ୍ଗଳବାରରେ ମହିଳାମାନେ ଆଦର ସମ୍ମାନ ପାଇବେ । ବୁଧ, ଗୁରୁବାରରେ ଉପସ୍ଥିତବୁଦ୍ଧି ପ୍ରୟୋଗ କରି କାମ ହାସଲ କରି ପାରିବେ । ଶୁକ୍ର, ଶନିବାରରେ ରାଜନେତାମାନେ ସଫଳତା ପାଇବେ ।


**କର୍କଟ**

ରବିବାରରେ କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରା ହୋଇପାରେ । ସୋମ, ମଙ୍ଗଳବାରରେ ଅକସ୍ମାତ୍ ଦୂରଯାତ୍ରା କରିପାରନ୍ତି । ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇ ପାରେ । ଶୁକ୍ର, ଶନିବାରରେ ସନ୍ତାନମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିବେ ।


**ସିଂହ**

ରବିବାରରେ ପରିବାରଠାରୁ ସହଯୋଗ ନ ପାଇ ଦୁଃଖିତ ହେବେ । ସୋମ, ମଙ୍ଗଳବାରରେ ବେରୋଜଗାରୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ । ବୁଧ, ଗୁରୁବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରୁହନ୍ତୁ । ଶୁକ୍ର, ଶନିବାରରେ ଅକସ୍ମାତ୍ ବନ୍ଧୁମିଳନ ହୋଇପାରେ ।


**କନ୍ୟା**


ରବିବାରରେ ପାରିବାରିକ ଓ ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ । ସୋମ, ମଙ୍ଗଳବାରରେ କାର୍ଯ୍ୟରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ । ବୁଧ, ଗୁରୁବାରରେ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଶୁକ୍ର, ଶନିବାରରେ ପାରିବାରିକ ସୁଖଶାନ୍ତି ନଷ୍ଟ ହୋଇପାରେ ।


**ତୁଳା**

ରବିବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ସୋମ, ମଙ୍ଗଳବାରରେ ନୂଆ କାମ କରି ଉତ୍ସାହିତ ରହିବେ । ବୁଧ, ଗୁରୁବାରରେ ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ଚିନ୍ତିତ ରହିବେ । ଶୁକ୍ର, ଶନିବାରରେ ପାରିବାରିକ ନିବିଡ଼ତା ମଧ୍ୟ ବୃଦ୍ଧି ପାଇବ । ମହିଳାମାନେ ସ୍ୱାଧୀନମନା ହେବେ ।


**ବିଛା**

ରବିବାରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ହୋଇପାରେ । ସୋମ, ମଙ୍ଗଳବାରରେ ପାରିବାରିକ ଜୀବନ ସୁଖପ୍ରଦ ହେବ । ବୁଧ, ଗୁରୁବାରରେ ଆକସ୍ମିକ ଭାବରେ ବ୍ୟୟଭାର ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ସାହିତ୍ୟ ଓ ପ୍ରଶାସନିକ ସ୍ତରରେ ଉଚ୍ଚସମ୍ମାନ ପାଇପାରନ୍ତି ।


**ଧନୁ**

ରବିବାରରେ ଜମିଜମା ମାମଲାକୁ ନେଇ ଶତ୍ରୁ ଉପୁଜିବେ । ସୋମ, ମଙ୍ଗଳବାରରେ ମାନସିକ ଅବସାଦର ଶିକାର ହୋଇପାରନ୍ତି । ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ । ଶୁକ୍ର, ଶନିବାରରେ ସରକାରୀ ସହାୟତା ପାଇ ଦୀର୍ଘଦିନ ଧରି ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ ।


**ମକର**

ରବିବାରରେ ବିଳାସବ୍ୟସନରେ ସମୟ କାଟିବେ । ସୋମ, ମଙ୍ଗଳବାରରେ ବ୍ୟବସାୟରେ ମଧ୍ୟମ ଧରଣର ଲାଭ ପାଇବେ । ସ୍ୱାସ୍ଥ୍ୟ ଉତ୍ତମ ରହିବ । ବୁଧ, ଗୁରୁବାରରେ ଆର୍ଥିକ ଚିନ୍ତାକରି କଷ୍ଟ ପାଇପାରନ୍ତି । ବନ୍ଧୁ ସହଯୋଗ ମିଳିପାରେ । ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭବାନ ହେବେ ।


**କୁମ୍ଭ**

ରବିବାରରେ ପୁରୁଣା ସମସ୍ୟା ସମାଧାନ ହେବ । ସୋମ, ମଙ୍ଗଳବାରରେ ମହିଳାମାନେ ଆଦର ସମ୍ମାନ ପାଇବେ । ବୁଧ, ଗୁରୁବାରରେ ଉପସ୍ଥିତବୁଦ୍ଧି ପ୍ରୟୋଗ କରି କାମ ହାସଲ କରି ପାରିବେ । ଶୁକ୍ର, ଶନିବାରରେ ରାଜନେତାମାନେ ସଫଳତା ପାଇବେ ।


**ମୀନ**

ରବିବାରରେ ଆଶାଆକାଂକ୍ଷା ପୂରଣ ହେବ । ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ସାଧାରଣ ସମସ୍ୟା ଉପୁଜିପାରେ । ବୁଧ, ଗୁରୁବାରରେ ପରିବାରଜନଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାର ଛାତ୍ରଛାତ୍ରୀମାନେ କୃତକାର୍ଯ୍ୟ ହେବେ । ବ୍ୟବସାୟ ତଥା ପରିବହନରେ ଦୂରଯାତ୍ରା କରିପାରନ୍ତି ।



# ଭାରତର ସାମୁଦ୍ରିକ ବାଣିଜ୍ୟ ପରମ୍ପରା



ଡକ୍ଟର ସୁଶାନ୍ତ କୁମାର ପରିଡ଼ା

**ମାନବ ସଭ୍ୟତାର ଇତିହାସରେ ସମୁଦ୍ରର ଭୂମିକା ଅପରିମିତ ଓ ଅତ୍ୟନ୍ତ ଗଭୀର । ପ୍ରାଚୀନ କାଳରୁ ସମୁଦ୍ର କେବଳ ପ୍ରାକୃତିକ ସମ୍ପଦର ଭଣ୍ଡାର ନୁହେଁ, ବରଂ ବ୍ୟାପାର, ସଂଯୋଗ ଓ ସାଂସ୍କୃତିକ ବିନିମୟର ଏକ ମୂଳ ମାଧ୍ୟମ ଭାବେ ପରିଚିତ ହୋଇଆସିଛି । ଯେଉଁ ସଭ୍ୟତାମାନେ ସମୁଦ୍ରକୁ ଉପଯୋଗ କରିପାରିଛନ୍ତି, ସେମାନେ ଅର୍ଥନୈତିକ ଓ ସାମାଜିକ ଦୃଷ୍ଟିରୁ ଅଧିକ ଉନ୍ନତ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଭାରତର ସ୍ଥାନ ଅତ୍ୟନ୍ତ ବିଶେଷ । ତିନିପଟେ ସମୁଦ୍ର ପରିବେଷ୍ଟିତ ଭାରତ ପ୍ରାଚୀନକାଳରୁ ସାମୁଦ୍ରିକ ବାଣିଜ୍ୟରେ ଏକ ପ୍ରମୁଖ ଶକ୍ତି ଭାବେ ଉଭାସିତ ହୋଇଛି । ସିନ୍ଧୁ ଉପତ୍ୟକା ସଭ୍ୟତା ସମୟରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତ ସମୁଦ୍ରପଥ ମାଧ୍ୟମରେ ବିଭିନ୍ନ ଦେଶ ସହ ବ୍ୟାପାରିକ ସମ୍ପର୍କ ଗଢ଼ି ଆସିଛି ।**

ସମୁଦ୍ରପଥ ଦ୍ୱାରା ଭାରତ ନିଜର ମସଲା, ବସ୍ତ୍ର, ରତ୍ନ ଓ ବିଭିନ୍ନ ପଣ୍ୟକୁ ବିଶ୍ୱ ବଜାରକୁ ପହଞ୍ଚାଇଥିଲା ଓ ବଦଳରେ ବିଭିନ୍ନ ଦେଶରୁ ମୂଲ୍ୟବାନ ସାମଗ୍ରୀ ଆମଦାନି କରୁଥିଲା । ଏହି ବ୍ୟାପାର ଦ୍ୱାରା ଭାରତ କେବଳ ଅର୍ଥନୈତିକ ଭାବେ ସମୃଦ୍ଧ ହୋଇନଥିଲା, ବରଂ ସଂସ୍କୃତି, ଧର୍ମ ଓ ଜ୍ଞାନର ମଧ୍ୟ ବିଶ୍ୱବ୍ୟାପୀ ପ୍ରସାର କରିପାରିଥିଲା । ଏହିପରି, ଭାରତର ସାମୁଦ୍ରିକ ବାଣିଜ୍ୟ କେବଳ ଏକ ଅର୍ଥନୈତିକ କ୍ରିୟାକଳାପ ନୁହେଁ, ବରଂ ଏହା ଭାରତର ସାମଗ୍ରିକ ଉନ୍ନତି ଓ ବିଶ୍ୱ ସଂଯୋଗର ଏକ ମୂଳ ଆଧାର ଭାବେ ପରିଚିତ ।

## ପ୍ରାଚୀନ ଭାରତର ସାମୁଦ୍ରିକ ବାଣିଜ୍ୟର ଭିତ୍ତି ଓ ବିକାଶ

ପ୍ରାଚୀନ ସାମୁଦ୍ରିକ ବ୍ୟାପାର ଭିତ୍ତି କେବଳ ଆର୍ଥିକ କ୍ରିୟାକଳାପରେ ସୀମିତ ନ ଥିଲା, ଏହା ଭାରତର ସାମ୍ବିଧାନିକ, ସାମାଜିକ ଓ ସାଂସ୍କୃତିକ ଉନ୍ନତିରେ ମଧ୍ୟ ଗଭୀର ପ୍ରଭାବ ପକାଇଥିଲା । ସିନ୍ଧୁ ଉପତ୍ୟକା ସଭ୍ୟତାରୁ ଆରମ୍ଭ ହୋଇଥିବା ଏହି ବ୍ୟାପାର ଧୀରେ ଧୀରେ ବୈଦିକ ଓ ପରବର୍ତ୍ତୀ ଯୁଗରେ ଆହୁରି ବିସ୍ତାରିତ ହୋଇଥିଲା ।

ବୈଦିକ ଯୁଗରେ, ଯଦିଓ ଭାରତର ଆର୍ଥିକ ବ୍ୟବସ୍ଥା ପ୍ରାଧାନତଃ କୃଷି ଉପରେ ନିର୍ଭର କରୁଥିଲା, ତଥାପି ସମୁଦ୍ରପଥ ଦ୍ୱାରା ବ୍ୟାପାରର ଉଲ୍ଲେଖ ମିଳେ । ବେଦ ଓ ପୁରାଣଗୁଡ଼ିକରେ 'ସମୁଦ୍ର' ଶବ୍ଦର ବ୍ୟବହାର ଏହାର ପ୍ରମାଣ । ଏହି ସମୟରେ ନୌକା ନିର୍ମାଣ ଓ ନାଭିଗେସନ୍‌ରେ ଭାରତୀୟମାନେ ଦକ୍ଷତା ହାସଲ କରିଥିଲେ, ଯାହା ପରବର୍ତ୍ତୀ କାଳରେ ବ୍ୟାପାର ବିସ୍ତାରରେ ମୁଖ୍ୟ ଭୂମିକା ନେଇଥିଲା ।


ମୌର୍ଯ୍ୟ ଯୁଗରେ ସାମୁଦ୍ରିକ ବ୍ୟାପାରକୁ ଏକ ସଂଗଠିତ ରୂପ ଦିଆଯାଇଥିଲା । ଏହି ସମୟରେ ରାଜ୍ୟ ଦ୍ୱାରା ବ୍ୟାପାର ଉପରେ ନିୟନ୍ତ୍ରଣ ରହିଥିଲା ଓ ବନ୍ଦରଗୁଡ଼ିକରେ ଶୁଳ୍କ ବ୍ୟବସ୍ଥା ପ୍ରଚଳିତ ଥିଲା । କୌଟିଲ୍ୟଙ୍କ 'ଅର୍ଥଶାସ୍ତ୍ର'ରେ ବ୍ୟାପାର, ନୌକା ଚାଳନା ଓ ବନ୍ଦର ପ୍ରଶାସନ ସମ୍ବନ୍ଧୀୟ ତଥ୍ୟ ମିଳେ । ଏହା ଦ୍ୱାରା ଜଣାପଡ଼େ ଯେ ସାମୁଦ୍ରିକ ବ୍ୟାପାର କେବଳ ବ୍ୟକ୍ତିଗତ ଉଦ୍ୟମ ନୁହେଁ, ବରଂ ରାଜ୍ୟ ପ୍ରୋତ୍ସାହିତ କ୍ଷେତ୍ର ଥିଲା ।

ଗୁପ୍ତ ଯୁଗକୁ ଭାରତର 'ସୁବର୍ଣ୍ଣ ଯୁଗ' ବୋଲି କୁହାଯାଏ, ଏହି ସମୟରେ ସାମୁଦ୍ରିକ ବ୍ୟାପାର ଆହୁରି ଭଲ ଥିଲା । ଭାରତୀୟ ବ୍ୟବସାୟୀମାନେ ଦକ୍ଷିଣ ପୂର୍ବ ଏସିଆ, ଚୀନ୍ ଓ ରୋମ ସାମ୍ରାଜ୍ୟ ସହ ବ୍ୟାପାର କରୁଥିଲେ । ମୁଜିରିସ୍, କାଭେରୀପଟ୍ଟଣମ୍, ଓ ତାମ୍ରଲିପ୍ତି ପରି ବନ୍ଦରଗୁଡ଼ିକ ବାଣିଜ୍ୟ କାରବାରର ମୁଖ୍ୟ କେନ୍ଦ୍ର ଥିଲା । ଏହି ସମୟରେ ମସଲା, ବସ୍ତ୍ର, ରତ୍ନ ଓ ଶିଳ୍ପପଦାର୍ଥର ଚାହିଦା ବିଦେଶରେ ବହୁତ ଅଧିକ ଥିଲା ।

ଭାରତୀୟ ସାମୁଦ୍ରିକ ବାଣିଜ୍ୟ ବା ନୌବାଣିଜ୍ୟରେ ମୌସୁମୀ ପବନର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା । ଭାରତୀୟ ନାବିକମାନେ ମୌସୁମୀ ପବନର ଗତି ଓ ଦିଗ ଅନୁଯାୟୀ ଯାତ୍ରା କରୁଥିଲେ । ଏହା ଦ୍ୱାରା ସେମାନେ ସହଜରେ ଦୂରଦୂରାନ୍ତରେ ଯାଇ ବେପାର କରିପାରୁଥିଲେ । ଏହି ଜ୍ଞାନ ଭାରତକୁ ସାମୁଦ୍ରିକ ବ୍ୟବସାୟରେ ଅଗ୍ରଗାମୀ କରିଥିଲା ।

ଦକ୍ଷିଣ ଭାରତର ଚୋଳ ସାମ୍ରାଜ୍ୟ ସାମୁଦ୍ରିକ ବ୍ୟବସାୟରେ ବିଶେଷ ସ୍ଥାନ ରଖିଥିଲା । ଚୋଳ ବଂଶୀୟ ରାଜାମାନେ ଶକ୍ତିଶାଳୀ ନୌସେନା ଗଠନ କରିଥିଲେ । ଦକ୍ଷିଣ ପୂର୍ବ ଏସିଆର ଦେଶଗୁଡ଼ିକ ସହ ସମ୍ପର୍କ ସ୍ଥାପନ କରିଥିଲେ । ସେମାନଙ୍କ ନୌସେନା ଅଭିଯାନ ଦ୍ୱାରା ବ୍ୟବସାୟିକ ରାସ୍ତାଗୁଡ଼ିକକୁ ସୁରକ୍ଷିତ କରାଯାଉଥିଲା । ଏହା ଭାରତୀୟ ବ୍ୟବସାୟୀମାନଙ୍କୁ ଅଧିକ ସୁବିଧା ଦେଇଥିଲା । ସାମୁଦ୍ରିକ ବାଣିଜ୍ୟ କେବଳ ପଦାର୍ଥ ବିନିମୟରେ ସୀମିତ ନଥିଲା; ଏହା ସଂସ୍କୃତି, ଧର୍ମ ଓ ଭାଷାର ପ୍ରସାରରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । ଭାରତରୁ ବୌଦ୍ଧ ଓ ହିନ୍ଦୁ ଧର୍ମ ଦକ୍ଷିଣ ପୂର୍ବ ଏସିଆକୁ ପ୍ରସାରିତ ହୋଇଥିଲା । ଭାରତୀୟ କଳା, ସ୍ଥାପତ୍ୟ ଓ ଭାଷାର ପ୍ରଭାବ ଏହି ଅଞ୍ଚଳରେ ସ୍ପଷ୍ଟ ଦେଖାଯାଏ । ଏହା ଭାରତକୁ କେବଳ ଏକ ବେପାରୀ ଦେଶ ନୁହେଁ, ବରଂ ଏକ ସାଂସ୍କୃତିକ କେନ୍ଦ୍ର ଭାବେ ପରିଚିତ କରିଥିଲା । ଏହି ବେପାର ଭାରତର ଆର୍ଥିକ ସମୃଦ୍ଧିକୁ ବଢ଼ାଇଥିଲା । ବନ୍ଦର ନଗରଗୁଡ଼ିକର ବିକାଶ ଘଟିଥିଲା ଓ ନୂତନ ସହରୀକରଣ ଆରମ୍ଭ ହୋଇଥିଲା । ବ୍ୟବସାୟୀବର୍ଗର ଉଦୟ ହୋଇଥିଲା ଓ ସେମାନେ ସମାଜରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦାବି କରିଥିଲେ । ବିଦେଶୀ ବେପାର ଦ୍ୱାରା ରାଜସ୍ୱ ବଢ଼ିଥିଲା, ଯାହା ରାଜ୍ୟର ସାମର୍ଥ୍ୟକୁ ଶକ୍ତିଶାଳୀ କରିଥିଲା । ତଥାପି, ସମୟ ସହିତ କିଛି ପରିବର୍ତ୍ତନ ମଧ୍ୟ ଆସିଥିଲା । ମଧ୍ୟଯୁଗରେ ବିଭିନ୍ନ ବାହ୍ୟ ଆକ୍ରମଣ ଓ ରାଜନୈତିକ ଅସ୍ଥିରତା ଦ୍ୱାରା ସାମୁଦ୍ରିକ ବାଣିଜ୍ୟ କେତେକ ଅଂଶରେ ପ୍ରଭାବିତ ହୋଇଥିଲା । ପରେ ୟୁରୋପୀୟ ଶକ୍ତିମାନଙ୍କର ଆଗମନ ଭାରତର ସାମୁଦ୍ରିକ ବ୍ୟାପାରର ଧାରାକୁ ପରିବର୍ତ୍ତନ କରିଦେଇଥିଲା । ସେମାନେ ନୂତନ ବ୍ୟାପାରୀକ ନୀତି ଓ ପ୍ରଣାଳୀ ଆଣିଥିଲେ, ଯାହା ଦ୍ୱାରା ଭାରତର ପାରମ୍ପରିକ ବ୍ୟାପାର ପ୍ରଣାଳୀ କ୍ଷୀଣ ହୋଇଥିଲା ।

ସାରାଂଶରେ, ପ୍ରାଚୀନ ସାମୁଦ୍ରିକ ବ୍ୟାପାର ଭାରତର ଇତିହାସର ଏକ ଅମୂଲ୍ୟ ଅଂଶ । ଏହା ଭାରତକୁ ବିଶ୍ୱ ମଞ୍ଚରେ ଏକ ସମୃଦ୍ଧ ଓ ପ୍ରଭାବଶାଳୀ ଦେଶ ଭାବେ ପରିଚିତ କରିଥିଲା । ଆଜିର ଗ୍ଲୋବାଲାଇଜେସନ୍ ଯୁଗରେ ମଧ୍ୟ, ଏହି ପ୍ରାଚୀନ ବ୍ୟାପାର ପରମ୍ପରା ଆମକୁ ଆର୍ଥିକ ଓ ସାଂସ୍କୃତିକ ଏକତାର ମୂଲ୍ୟ ବୁଝାଇଥାଏ ।









## ସାମୁଦ୍ରିକ ବ୍ୟବସାୟର ପରିବର୍ତ୍ତନ ଓ ପତନ

ମଧ୍ୟଯୁଗରେ ଭାରତର ସାମୁଦ୍ରିକ ବ୍ୟାପାର ଏକ ସୁସଂଗଠିତ ଓ ବିସ୍ତୃତ ନେଟୱର୍କ ରୂପେ ଉଭା ହୋଇଥିଲା। ଏହି ସମୟରେ ଆରବ ବ୍ୟବସାୟୀମାନେ ଭାରତୀୟ ସାମୁଦ୍ରିକ ବ୍ୟାପାରର ମୁଖ୍ୟ ସଂଯୋଜକ ଭାବେ କାମ କରୁଥିଲେ। ସେମାନେ ଭାରତକୁ ପଶ୍ଚିମ ଏସିଆ, ଆଫ୍ରିକା ଓ ୟୁରୋପ ସହ ସଂଯୁକ୍ତ କରିଥିଲେ। ଏହା ଫଳରେ ଭାରତ ଏକ ବିଶ୍ୱ ବ୍ୟାପାର କେନ୍ଦ୍ର ଭାବେ ତାହାର ସ୍ଥାନ ଅବିକଳ ରଖିଥିଲା।

କାଲିକଟ (କୋଝିକୋଡ୍), କାମ୍ବେ (ଖମ୍ଭାତ) ଓ ବଙ୍ଗ ଅଞ୍ଚଳର ବନ୍ଦରଗୁଡ଼ିକ ଏହି ବେପାରର ମୁଖ୍ୟ କେନ୍ଦ୍ର ଥିଲା। ବିଶେଷ କରି କାଲିକଟ ମାଲବାର କୂଳରେ ଥିବା ଏକ ଅତ୍ୟନ୍ତ ସକ୍ରିୟ ବନ୍ଦର ଥିଲା, ଯେଉଁଠାରେ ଆରବ ଓ ଚିନି ବ୍ୟବସାୟୀମାନେ ନିୟମିତ ଭାବେ ଆସୁଥିଲେ। ବଙ୍ଗର ସତ୍‌ଗାଁଓ ଚିଟାଙ୍ଗ ପରି ବନ୍ଦରଗୁଡ଼ିକ ପୂର୍ବ ଏସିଆ ସହ ବେପାରକୁ ସହଜ କରୁଥିଲେ। ଏହି ସମୟରେ ଭାରତର ମସଲା- ବିଶେଷତଃ ଗୋଲମରିଚ, ଲବଙ୍ଗ ଓ ଦାଲଚିନି-ବିଶ୍ୱ ବଜାରରେ ଅତ୍ୟନ୍ତ ଚାହିଦାରେ ଥିଲା। ଏହା ସହିତ ଚିନି, ନୀଳ (ଇଣ୍ଡିଗୋ), ଉତ୍କୃଷ୍ଟ ବସ୍ତ୍ର (ମସ୍ଲିନ୍ ଓ ସିଲ୍କ) ଓ ସୁଗନ୍ଧ ଦ୍ରବ୍ୟ ମଧ୍ୟ ଭାରତର ପ୍ରମୁଖ ରପ୍ତାନି ସାମଗ୍ରୀ ଥିଲା। ବଦଳରେ ଭାରତକୁ ଘୋଡ଼ା, ସୁନା, ଚାନ୍ଦି ଓ କିଛି ବିଳାସପୂର୍ଣ୍ଣ ସାମଗ୍ରୀ ଆମଦାନି ହେଉଥିଲା। ଏହି ବ୍ୟାବସାୟିକ କାରବାର ଭାରତର ଅର୍ଥନୀତିକୁ ଶକ୍ତିଶାଳୀ କରିଥିଲା।







ଭାରତୀୟ ବ୍ୟବସାୟୀମାନେ ମଧ୍ୟ ଏହି ବେପାରରେ ସକ୍ରିୟ ଭାଗ ନେଇଥିଲେ। ଗୁଜରାଟୀ, ତାମିଲ ଓ ବଙ୍ଗାଳୀ ବ୍ୟବସାୟୀମାନେ ଦୂରଦୂରାନ୍ତ ଯାଇ ବେପାର କରୁଥିଲେ। ସେମାନଙ୍କ ନୌକା ଓ ବ୍ୟବସାୟିକ ଜ୍ଞାନ ଏହି ସମୟରେ ବହୁତ ଉନ୍ନତ ଥିଲା। ବ୍ୟାପାରୀ ସଂଘ (guilds) ମଧ୍ୟ ବିକଶିତ ହୋଇଥିଲା, ଯାହା ବେପାରକୁ ସଂଗଠିତ ଓ ସୁରକ୍ଷିତ କରୁଥିଲା। କିନ୍ତୁ ୧୪୯୮ ମସିହାରେ ଭାସ୍କୋ ଡା ଗାମାଙ୍କ ଭାରତ ପ୍ରବେଶ ସାମୁଦ୍ରିକ ବ୍ୟାପାରରେ ଏକ ନୂତନ ଅଧ୍ୟାୟ ଆରମ୍ଭ କଲା। ସେ କେପ୍ ଅଫ୍ ଗୁଡ୍ ହୋପ୍ ମାର୍ଗରେ ଭାରତ ପହଞ୍ଚିଲେ, ଯାହା ୟୁରୋପ ଓ ଭାରତ ମଧ୍ୟରେ ସିଧାସଳଖ ସମୁଦ୍ରପଥ ସ୍ଥାପନ କଲା। ଏହା ଦ୍ୱାରା ଆରବ ବ୍ୟବସାୟୀମାନଙ୍କର ମଧ୍ୟସ୍ଥତା କମିଗଲା ଓ ୟୁରୋପୀୟ ଶକ୍ତିମାନେ ନିଜେ ଭାରତ ସହ ବ୍ୟାପାର କରିବାକୁ ଆରମ୍ଭ କଲେ।

ପର୍ତ୍ତୁଗୀଜମାନେ ପ୍ରଥମେ ଭାରତର ସାମୁଦ୍ରିକ ବ୍ୟାପାରରେ ପ୍ରଭାବ ସ୍ଥାପନ କଲେ। ସେମାନେ କିଛି ବନ୍ଦରରେ ନିୟନ୍ତ୍ରଣ ନେଇ ବ୍ୟାପାରିକ ଏକାଧିକାର (Monopoly) ସୃଷ୍ଟି କରିଥିଲେ। ପରେ ଡଚ୍, ଫ୍ରେଞ୍ଚ ଓ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀମାନେ ଏହି ଦୌଡ଼ରେ ଯୋଗ ଦେଲେ। ସେମାନେ ଭାରତର ବନ୍ଦରଗୁଡ଼ିକୁ ନିୟନ୍ତ୍ରଣ କରି ବ୍ୟାପାରର ଦିଗ ନିର୍ଣ୍ଣୟ କରୁଥିଲେ। ଏହି ପରିବର୍ତ୍ତନ ଫଳରେ ଭାରତୀୟ ବେପାରୀମାନଙ୍କ ସ୍ୱାଧୀନତା କ୍ଷୀଣ ହେଲା। ବିଦେଶୀ ଶକ୍ତିମାନେ ନିଜ ଲାଭକୁ ମୁଖ୍ୟ ରଖି ବ୍ୟବସାୟ କରୁଥିଲେ, ଯାହା ଫଳରେ ଭାରତର ପାରମ୍ପରିକ ବ୍ୟାପାର ପ୍ରଣାଳୀ ଦୁର୍ବଳ ହୋଇଗଲା।

ଉପନିବେଶବାଦୀ ଶାସନ ସମୟରେ ଏହି ପରିସ୍ଥିତି ଆହୁରି ଗଭୀର ହୋଇଗଲା। ବ୍ରିଟିଶ୍ ଶାସକମାନେ ଭାରତକୁ ଏକ କଞ୍ଚାମାଲ ଯୋଗାଣକାରୀ ଦେଶ ଭାବେ ପରିଣତ କଲେ। କପା, ଜୁଟ୍, ଚା’ ଓ ଖଣିଜ ପଦାର୍ଥ ବ୍ରିଟେନକୁ ରପ୍ତାନି ହେଉଥିଲା। ତା’ବଦଳରେ ତିଆରି ସାମଗ୍ରୀ ଭାରତକୁ ଆମଦାନି ହେଉଥିଲା। ଏହା ଦ୍ୱାରା ଭାରତର ଅର୍ଥନୀତି ଏକପକ୍ଷୀୟ ଓ ନିର୍ଭରଶୀଳ ହୋଇପଡ଼ିଲା। ସେହିପରି, ଭାରତର ପାରମ୍ପରିକ ଶିଳ୍ପ ଓ ଜାହାଜ ନିର୍ମାଣ କ୍ଷେତ୍ର ମଧ୍ୟ ଦୁର୍ବଳ ହୋଇପଡ଼ିଲା। ବ୍ରିଟିଶ୍ ନୀତି ଭାରତୀୟ ଶିଳ୍ପକୁ ପ୍ରୋତ୍ସାହନ ଦେବା ବଦଳରେ ବ୍ରିଟିଶ୍ ଶିଳ୍ପକୁ ସୁରକ୍ଷା କରୁଥିଲା। ଏହାର ଫଳରେ ଦେଶୀୟ ଉତ୍ପାଦନ କ୍ଷୀଣ ହେଲା ଓ ବେକାରି ବଢ଼ିଲା।

ସାରକଥା, ମଧ୍ୟଯୁଗରେ ଭାରତର ସାମୁଦ୍ରିକ ବ୍ୟାପାର ଏକ ସୁବର୍ଣ୍ଣ ଅଧ୍ୟାୟ ଥିଲା, କିନ୍ତୁ ୟୁରୋପୀୟ ଆଗମନ ଓ ଉପନିବେଶୀ ଶାସନ ଏହାକୁ ଦୀର୍ଘକାଳୀନ ଭାବେ ପ୍ରଭାବିତ କରି ଅବନତିର ଦିଗକୁ ନେଇଗଲା।

## ସାମୁଦ୍ରିକ ବାଣିଜ୍ୟର ପୁନରୁତ୍‌ଥାନ ଓ ଆଧୁନିକ ଗୁରୁତ୍ୱ







୧୯୪୭ରେ ସ୍ୱାଧୀନତା ପ୍ରାପ୍ତି ପରେ ଭାରତ ନିଜ ସାମୁଦ୍ରିକ ବ୍ୟବସାୟକୁ ନୂତନ ଭିତ୍ତିରେ ପୁନଃସଂଗଠିତ କରିବାରେ ଲାଗିଲା। ଉପନିବେଶବାଦୀ ଶାସନରେ କ୍ଷୀଣ ହୋଇଥିବା ବ୍ୟାପାର ପ୍ରଣାଳୀକୁ ସୁଦୃଢ଼ କରିବା ପାଇଁ ସରକାର ଯୋଜନାବଦ୍ଧ ଭାବେ ବିଭିନ୍ନ ପଦକ୍ଷେପ ଗ୍ରହଣ କଲେ। ବନ୍ଦରଗୁଡ଼ିକର ଆଧୁନିକୀକରଣ, ନୌକା ଚଳାଚଳ ବ୍ୟବସ୍ଥାର ଉନ୍ନତି ଓ ବାଣିଜ୍ୟ ନୀତିର ସୁଧାର ଦ୍ୱାରା ଭାରତ ଧୀରେ ଧୀରେ ଆନ୍ତର୍ଜାତୀୟ ସାମୁଦ୍ରିକ ବ୍ୟବସାୟରେ ନିଜ ସ୍ଥାନକୁ ପୁନଃସ୍ଥାପିତ କରିଲା। ଭାରତୀୟ ନୌସେନାର ଶକ୍ତିବୃଦ୍ଧି ଓ ବନ୍ଦର ବିକାଶ ଯୋଜନାଗୁଡ଼ିକ ଏହି ପୁନରୁତ୍ଥାନର ମୁଖ୍ୟ ଆଧାର ଥିଲା। ସରକାର 'ସାଗରମାଳା ପ୍ରକଳ୍ପ' ପରି ବଡ଼ ଯୋଜନା ଆରମ୍ଭ କରି ବନ୍ଦରକୁ କେନ୍ଦ୍ର କରି ଶିଳ୍ପ ଓ ବ୍ୟାପାର ଉନ୍ନତିକୁ ପ୍ରୋତ୍ସାହନ ଦେଇଛି। ଏହା ଫଳରେ ବନ୍ଦରଗୁଡ଼ିକ କେବଳ ବସ୍ତୁ ଆଦାନ-ପ୍ରଦାନର ସ୍ଥାନ ନୁହେଁ, ବରଂ ଆର୍ଥିକ କ୍ରିୟାକଳାପର ମୁଖ୍ୟ କେନ୍ଦ୍ରରେ ପରିଣତ ହୋଇଛି।

ଆଜି ଭାରତର ପ୍ରମୁଖ ବନ୍ଦରଗୁଡ଼ିକ-ମୁମ୍ବାଇ, ପାରାଦୀପ, ବିଶାଖାପଟ୍ଟଣମ୍, ଚେନ୍ନାଇ ଓ କୋଚିନ- ବିଶ୍ୱ ବ୍ୟାପାରର ଗୁରୁତ୍ୱପୂର୍ଣ୍ଣ ସଂଯୋଗ କେନ୍ଦ୍ର ଭାବେ କାମ କରୁଛନ୍ତି। ଏହି ବନ୍ଦରଗୁଡ଼ିକ ମାଧ୍ୟମରେ ଭାରତ ବିଭିନ୍ନ ଦେଶ ସହ ଆମଦାନି-ରପ୍ତାନି କାର୍ଯ୍ୟକଳାପ କରୁଛି, ଯାହା ଦେଶର ଅର୍ଥନୀତିକୁ ଶକ୍ତିଶାଳୀ କରୁଛି। ଆଧୁନିକ ସମୟରେ ସାମୁଦ୍ରିକ ବାଣିଜ୍ୟର ଗୁରୁତ୍ୱ ଅତ୍ୟନ୍ତ ବଢ଼ିଛି। ବିଶ୍ୱର ପ୍ରାୟ ୯୦ % ଆନ୍ତର୍ଜାତୀୟ ବ୍ୟାପାର ସମୁଦ୍ରପଥ ଦ୍ୱାରା ହେଉଛି, ଯାହା ଏହାର ଅର୍ଥନୀତିକ ମହତ୍ୱକୁ ପ୍ରମାଣ କରେ। ଭାରତ ଏହି ବ୍ୟାପାରରେ ସକ୍ରିୟ ଭାବେ ଅଂଶ ନେଇ ତେଲ, ଗ୍ୟାସ, ଇସ୍ପାତ, ଯନ୍ତ୍ରପାତି ଓ ଖାଦ୍ୟସାମଗ୍ରୀ ପରି ମୁଖ୍ୟ ପଦାର୍ଥର ଆମଦାନି-ରପ୍ତାନି କରୁଛି।

ଭାରତର ଭୌଗୋଳିକ ସ୍ଥିତି ଏହାକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରିଛି। ଭାରତ ମହାସାଗରର କେନ୍ଦ୍ରବିନ୍ଦୁରେ ଅବସ୍ଥିତ ଥିବାରୁ ଭାରତ ପୂର୍ବ ଓ ପଶ୍ଚିମ ଦେଶଗୁଡ଼ିକ ମଧ୍ୟରେ ବ୍ୟବସାୟିକ ସେତୁ ଭାବେ କାମ କରୁଛି। ଏହା ଭାରତକୁ ଆନ୍ତର୍ଜାତୀୟ ବ୍ୟାପାର ପଥରେ ଏକ ରଣନୀତିକ ସ୍ଥାନ ଦେଇଛି। ସାମୁଦ୍ରିକ ବାଣିଜ୍ୟର ପ୍ରଭାବ କେବଳ ଅର୍ଥନୀତିକ ମାତ୍ରାରେ ସୀମିତ ନୁହେଁ; ଏହା ସାଂସ୍କୃତିକ ବିନିମୟକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରିଛି। ପ୍ରାଚୀନ ଓ ମଧ୍ୟଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ, ଭାରତୀୟ ସଂସ୍କୃତି ଦକ୍ଷିଣ-ପୂର୍ବ ଏସିଆରେ ପ୍ରସାର ପାଇଛି। ଭାରତୀୟ ଧର୍ମ, ଭାଷା, କଳା ଓ ପରମ୍ପରା ଏହି ଅଞ୍ଚଳର ସମାଜରେ ଗଭୀର ପ୍ରଭାବ ପକାଇଛି। ଏହା ଫଳରେ ଭାରତ କେବଳ ଏକ ଆର୍ଥିକ ଶକ୍ତି ନୁହେଁ, ବରଂ ଏକ ସାଂସ୍କୃତିକ ଶକ୍ତି ଭାବେ ମଧ୍ୟ ବିଶ୍ୱରେ ପରିଚିତ ହୋଇଛି। ଆଜିର ଗ୍ଲୋବାଲାଇଜେସନ୍ ଯୁଗରେ, ସାମୁଦ୍ରିକ ବାଣିଜ୍ୟ ଭାରତର ଉନ୍ନତିର ଏକ ମୁଖ୍ୟ ଆଧାର ରୂପେ ରହିଛି। ଆଗାମୀ ଦିନରେ ଏହାର ଗୁରୁତ୍ୱ ଆହୁରି ବଢ଼ିବ।

## ସାମୁଦ୍ରିକ ବାଣିଜ୍ୟର ବିକାଶ ପାଇଁ ସରକାରୀ ପ୍ରୟାସ

**ଭାରତ ସରକାର ସାମୁଦ୍ରିକ ବାଣିଜ୍ୟକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ଦୂରଦର୍ଶୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପ୍ରୟାସମାନେ କେବଳ ବନ୍ଦର ବିକାଶରେ ସୀମିତ ନୁହେଁ, ବରଂ ସମଗ୍ର ଲଜିଷ୍ଟିକ୍ସ, ନୌପରିବହନ ଓ ବ୍ୟାପାର ପରିବେଶକୁ ଆଧୁନିକ କରିବାକୁ ଲକ୍ଷ୍ୟ କରିଛି।**

- ପ୍ରଥମେ, ସାଗରମାଳା ପ୍ରକଳ୍ପ ଭାରତର ସାମୁଦ୍ରିକ କ୍ଷେତ୍ରରେ ଏକ ମହତ୍ୱପୂର୍ଣ୍ଣ ଉଦ୍ୟମ। ଏହାର ଉଦ୍ଦେଶ୍ୟ ବନ୍ଦର-କେନ୍ଦ୍ରିକ ଉନ୍ନତି (Port-led development) ଦ୍ୱାରା ଶିଳ୍ପ, ପରିବହନ ଓ ଲଜିଷ୍ଟିକ୍ସକୁ ସୁଦୃଢ଼ କରିବା। ଏହି ପ୍ରକଳ୍ପ ମାଧ୍ୟମରେ ବନ୍ଦରଗୁଡ଼ିକର ଆଧୁନିକୀକରଣ, ନୂତନ ବନ୍ଦର ନିର୍ମାଣ ଓ ସଡ଼କ-ରେଳ ସଂଯୋଗ ବୃଦ୍ଧି ପାଇଛି।
- ଦ୍ୱିତୀୟତଃ, ଭାରତମାଳା ପ୍ରକଳ୍ପ ମଧ୍ୟ ସାମୁଦ୍ରିକ ବ୍ୟାପାରକୁ ପରୋକ୍ଷ ଭାବେ ସହାୟତା କରୁଛି। ଏହା ଦ୍ୱାରା ବନ୍ଦରଗୁଡ଼ିକକୁ ଭୂମିପଥ ସହ ସୁଦୃଢ଼ ଭାବେ ଯୋଡ଼ା ଯାଇଛି, ଯାହା ଫଳରେ ମାଲ ପରିବହନ ଶୀଘ୍ର ଓ ଶସ୍ତା ହୋଇଛି।
- ତୃତୀୟତଃ, ମେକ୍ ଇନ୍ ଇଣ୍ଡିଆ ଅଭିଯାନ ମଧ୍ୟ ସାମୁଦ୍ରିକ ବ୍ୟାପାରକୁ ଉତ୍ସାହିତ କରୁଛି। ଦେଶୀୟ ଉତ୍ପାଦନ ବୃଦ୍ଧି ପାଇଁ ଏହି ଯୋଜନା ରପ୍ତାନିକୁ ବଢ଼ାଇଛି, ଯାହାର ଫଳରେ ବନ୍ଦର ଓ ନୌପରିବହନର ଗୁରୁତ୍ୱ ଆହୁରି ବଢ଼ିଛି।
- ଚତୁର୍ଥତଃ, ଡିଜିଟାଲ୍ ଇଣ୍ଡିଆ ପ୍ରୟାସ ଦ୍ୱାରା ବନ୍ଦର ପ୍ରବନ୍ଧନ ଓ କଷ୍ଟମ୍ସ ପ୍ରକ୍ରିୟାକୁ ଡିଜିଟାଲ୍ କରାଯାଇଛି। ଏହା ଦ୍ୱାରା ବ୍ୟବସାୟ ପ୍ରକ୍ରିୟା ସହଜ ଓ ପାରଦର୍ଶୀ ହୋଇଛି, ଯାହା ଆନ୍ତର୍ଜାତୀୟ ବ୍ୟାପାରକୁ ଗତିଶୀଳ କରୁଛି।
- ପଞ୍ଚମତଃ, ମାରିଟାଇମ୍ ଇଣ୍ଡିଆ ଭିଜନ୍ ୨୦୩୦ ଭାରତର ସାମୁଦ୍ରିକ କ୍ଷେତ୍ରର ଦୀର୍ଘକାଳୀନ ଉନ୍ନତି ପାଇଁ ଏକ ରଣନୀତିମୂଳକ ପ୍ରୟାସ। ଏହାର ଲକ୍ଷ୍ୟ ହେଉଛି ଭାରତକୁ ବିଶ୍ୱର ଏକ ମୁଖ୍ୟ ସାମୁଦ୍ରିକ କେନ୍ଦ୍ରରେ ପରିଣତ କରିବା।

ସେଥିପାଇଁ, ଇନଲ୍ୟାଣ୍ଡ ଜଳପଥ ଉନ୍ନତି ଉପରେ ମଧ୍ୟ ଜୋର୍ ଦିଆଯାଉଛି। ଗଙ୍ଗା ଓ ବ୍ରହ୍ମପୁତ୍ର ପରି ନଦୀମାନଙ୍କୁ ବ୍ୟବହାର କରି ମାଲ ପରିବହନ କରାଯାଉଛି, ଯାହା ଖର୍ଚ୍ଚ କମେଇ ଓ ପରିବେଶ ସନ୍ତୁଳନ ରଖୁଛି। ଏହି ସମସ୍ତ ସରକାରୀ ପ୍ରୟାସ ଭାରତର ସାମୁଦ୍ରିକ ବ୍ୟବସାୟକୁ ଆଧୁନିକ, ପ୍ରତିଯୋଗିତାମୂଳକ ଓ ସୁସ୍ଥାୟୀ କରିବାରେ ମୂଳ ଭୂମିକା ନେଉଛି। ଏହା ଦ୍ୱାରା ଭାରତ ଭବିଷ୍ୟତରେ ବିଶ୍ୱ ବ୍ୟାପାରରେ ଆହୁରି ଶକ୍ତିଶାଳୀ ସ୍ଥାନ ଦାବି କରିପାରିବ।

- ଭାରତର ସାମୁଦ୍ରିକ ବାଣିଜ୍ୟ ଏକ ଐତିହାସିକ ଧାରା, ଯାହା ପ୍ରାଚୀନ ସମୃଦ୍ଧି, ମଧ୍ୟଯୁଗୀୟ ବିସ୍ତାର, ଉପନିବେଶୀୟ ଅବନତି ଓ ସ୍ୱାଧୀନତା ପରବର୍ତ୍ତୀ ପୁନରୁତ୍ଥାନର ମାଧ୍ୟମରେ ଆଜିର ଆଧୁନିକ ଗ୍ଲୋବାଲ୍ ବ୍ୟବସାୟ ବ୍ୟବସ୍ଥାରେ ନିଜ ସ୍ଥାନ ସ୍ଥାପନ କରିଛି। ଏହା କେବଳ ଅର୍ଥନୀତିକ ଉନ୍ନତିର ଆଧାର ନୁହେଁ, ବରଂ ଭାରତର ସାଂସ୍କୃତିକ ପ୍ରସାର ଓ ଆନ୍ତର୍ଜାତୀୟ ପରିଚୟର ମୂଳ ଶକ୍ତି ରୂପେ କାମ କରିଛି।
- ଆଧୁନିକ ସମୟରେ ସରକାରୀ ପ୍ରୟାସ, ପ୍ରଯୁକ୍ତିଗତ ଉନ୍ନତି ଓ ରଣନୀତିମୂଳକ ଭୌଗୋଳିକ ସ୍ଥିତି ଭାରତକୁ ପୁନର୍ବାର ସାମୁଦ୍ରିକ ବାଣିଜ୍ୟରେ ଏକ ଶକ୍ତିଶାଳୀ ଦେଶ ଭାବେ ଉଭାସିତ କରିଛି। ବନ୍ଦର ବିକାଶ, ଲଜିଷ୍ଟିକ୍ସ ସୁଧାର ଓ ଆନ୍ତର୍ଜାତୀୟ ସହଯୋଗ ଭାରତର ବ୍ୟାପାରକୁ ଆହୁରି ଗତିଶୀଳ କରୁଛି।
- ଭବିଷ୍ୟତରେ, ସୁସ୍ଥାୟୀ ବିକାଶ, ପରିବେଶ ସୁରକ୍ଷା ଓ ନବୀନ ପ୍ରଯୁକ୍ତିର ସମନ୍ୱୟ ଦ୍ୱାରା ଭାରତର ସାମୁଦ୍ରିକ ବାଣିଜ୍ୟ ଆହୁରି ଦୃଢ଼ ଓ ବିଶ୍ୱସ୍ତରୀୟ ହେବ। ଏହା ଦେଶର ଆର୍ଥିକ ପ୍ରଗତି ସହିତ ଭାରତକୁ ଏକ ପ୍ରଭାବଶାଳୀ ସାମୁଦ୍ରିକ ଓ ସାଂସ୍କୃତିକ ଶକ୍ତି ଭାବେ ଅବସ୍ଥାପିତ କରିବ। ■



ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ଲୋକନାଥ ମହାବିଦ୍ୟାଳୟ, ପାଟକୁରା, ଜି: କେନ୍ଦ୍ରାପଡ଼ା, ମୋ: ୯୪୩୭୨୧୦୪୫୮



ବାଣିଜ୍ୟ କ୍ଷେତ୍ରରେ ସିନ୍ଧୁ ସଭ୍ୟତାର ଅଧିବାସୀମାନେ ସୁଦକ୍ଷ ଥିଲେ । ଭାରତର କାଶ୍ମୀର ଉପତ୍ୟକାରୁ ଦାକ୍ଷିଣାତ୍ୟ ଉପତ୍ୟକା ପର୍ଯ୍ୟନ୍ତ ସିନ୍ଧୁ ସଭ୍ୟତାର ଅଧିବାସୀ ଅନ୍ତର୍ବାଣିଜ୍ୟରେ ଲିପ୍ତ ଥିଲେ । ଆମଦାନି, ରପ୍ତାନି, ବିନିମୟ ବ୍ୟବସ୍ଥା, ମାପ, ଓଜନ, ପରିବହନ ବ୍ୟବସ୍ଥା ସେମାନଙ୍କର ବାଣିଜ୍ୟର ମୂଳ ଉତ୍ସ । ବହିର୍ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ସିନ୍ଧୁ ଅଧିବାସୀମାନଙ୍କର ଯଥେଷ୍ଟ କୃତିତ୍ୱ ଥିଲା । ଜଳପଥ ଓ ସ୍ଥଳ ପଥରେ ଭାରତର ସିନ୍ଧୁ ସଭ୍ୟତାର ଅଧିବାସୀମାନେ ବହିର୍ବାଣିଜ୍ୟ କରୁଥିଲେ । ସୁଦୂର ସୁମେରୀୟ, ମିଶର ଓ କ୍ରୀଟ ସହିତ ସିନ୍ଧୁ ଅଧିବାସୀଙ୍କର ବ୍ୟବସାୟିକ ସଂପର୍କ ଥିଲା ବୋଲି ପ୍ରାମାଣିକ ତଥ୍ୟ ମିଳିଛି । ମେସୋପୋଟାମିଆ, ସୁମେର, ଆକାଡ୍ ଓ ପାରସ୍ୟ ସହିତ ସେମାନଙ୍କର ବହିର୍ବାଣିଜ୍ୟ ଚାଲିଥିଲା ।

# ଭାରତୀୟ ନୌବାଣିଜ୍ୟ ଇତିହାସ



ଅଧ୍ୟାପକ ପବିତ୍ର ମୋହନ ବାରିକ

## ବେଦପୁରାଣରେ ନୌବାଣିଜ୍ୟ


ଭାରତବର୍ଷର ବୈଦିକ ଯୁଗରେ ବହିର୍ବାଣିଜ୍ୟ ଅତି ଉନ୍ନତମାନର ଥିଲା । ଏହାର ପ୍ରମାଣ ମିଳେ ବୈଦିକ ସାହିତ୍ୟରୁ । ବୈଦିକ ସାହିତ୍ୟରେ ଡଙ୍ଗା, ଜାହାଜ, ଜଳଯାତ୍ରା ଇତ୍ୟାଦି ବିଷୟରେ ଉଲ୍ଲେଖ ଅଛି । ଋଗ୍ ବେଦରେ ବରୁଣ ଦେବତାଙ୍କ କଥା ବର୍ଣ୍ଣିତ ଅଛି ଯେ, ସେ ହେଉଛନ୍ତି ସମୁଦ୍ରର ଠାକୁର । ବରୁଣଙ୍କ ସମୁଦ୍ରର ସମସ୍ତ ପଥ ଉପରେ ତାଙ୍କର ଜ୍ଞାନ ଅଛି । ବାଣିଜ୍ୟ ଓ ଧନ ସମ୍ପଦ ଲାଭ କରିବା ନିମନ୍ତେ ବଣିକମାନଙ୍କର ଜାହାଜ ସମୁଦ୍ର ପାର ହୋଇ ବିଦେଶ ମାଟିରେ ପହଞ୍ଚୁଥିଲା ବୋଲି ଋଗ୍ ବେଦରେ ଉଲ୍ଲେଖ ଅଛି । ରାମାୟଣ-ମହାଭାରତ ଗ୍ରନ୍ଥରେ ଭାରତର ପ୍ରାଚୀନ ନୌବାଣିଜ୍ୟ କଥା ମଧ୍ୟ ଅତି ସୁନ୍ଦର ଭାବରେ ସ୍ଥାନ ପାଇଛି । ଅନ୍ୟାନ୍ୟ ବିଭିନ୍ନ ପୁରାଣଗୁଡ଼ିକରେ ପ୍ରାଚୀନ ଭାରତର ବୈଦିକ ଯୁଗର ସମୃଦ୍ଧ ନୌବାଣିଜ୍ୟର କଥା ବର୍ଣ୍ଣନା କରାଯାଇଅଛି । ସମୁଦ୍ର ଯାତ୍ରା ଓ ନୌବାଣିଜ୍ୟ ସମ୍ପର୍କରେ ଅନେକ କଥା-କାହାଣୀ ପୁରାଣଗୁଡ଼ିକରେ ଦେଖିବାକୁ ମିଳେ । ଖ୍ରୀ.ପୂ ୧୫୦୦-୧୦୦୦ ମଧ୍ୟରେ ଦ୍ୱାରିକା ନଗରୀ ଭାରତର ପ୍ରାଚୀନ ନଗରୀ ଜାହାଜ ଯାତାୟାତର ଦ୍ୱାର ଥିଲା । ଏଠାରୁ ଜାହାଜ ଯାଇ ସିରିଆ ଓ ସାଇପ୍ରସ୍ ପ୍ରଭୃତି ଅଞ୍ଚଳ ସହିତ ବାଣିଜ୍ୟିକ ସମ୍ପର୍କ ରଖିଥିଲେ । ବୈଦିକ ସାହିତ୍ୟରୁ ମଧ୍ୟ ପ୍ରମାଣ ମିଳେ ବଣିକମାନେ ଦୂର ପ୍ରାଚ୍ୟ ଓ ଆରବ ସହିତ ବ୍ୟବସାୟିକ ସମ୍ପର୍କ ସ୍ଥାପନ କରିଥିଲେ ।

ଖ୍ରୀ.ପୂ. ୫୦୦-୨୦୦ ମଧ୍ୟରେ ନନ୍ଦ ଓ ମୌର୍ଯ୍ୟ ରାଜବଂଶର ରାଜତ୍ୱ ସମୟରେ ଭାରତର ନୌବାଣିଜ୍ୟ ଯଥେଷ୍ଟ ଅଗ୍ରଗତି କରିଥିଲା । ମୌର୍ଯ୍ୟ ରାଜତ୍ୱ ସମୟରେ ଇଣ୍ଡୋନେସିଆ ଓ ଅନ୍ୟାନ୍ୟ ଦ୍ୱୀପ ପୁଞ୍ଜ ସହିତ ଭାରତର ନୌବାଣିଜ୍ୟ ସମ୍ପର୍କରେ ନୂତନ ଦିଗ ଉନ୍ମୋଚିତ ହୋଇଥିଲା । ଗ୍ରୀକ୍ ଓ ରୋମାନ୍ ସାହିତ୍ୟିକ ଉପାଦାନରୁ ଯଥେଷ୍ଟ ପ୍ରମାଣ ମିଳେ ମୌର୍ଯ୍ୟ ଓ ନନ୍ଦ ରାଜତ୍ୱ ସମୟର ନୌବାଣିଜ୍ୟ ପରମ୍ପରାର କଥା । ଗ୍ରୀକ୍ ରାଜଦୂତ ମେଘାସ୍ଥନିସ୍, ଯିଏ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜଦରବାର ପାଟଳିପୁତ୍ରଠାରେ ଅବସ୍ଥାନ କରୁଥିଲେ । ସେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ନୌସୈନିକଙ୍କ କଥା ତାଙ୍କ ପୁସ୍ତକ 'ଇଣ୍ଡିକା'ରେ ଉଲ୍ଲେଖ କରିଛନ୍ତି । ଏହା ନିଶ୍ଚିତ ଏହି ନୌବାହିନୀ ନୌବାଣିଜ୍ୟ ସହିତ ସମ୍ପୃକ୍ତ । ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ମନ୍ତ୍ରୀ ଚାଣକ୍ୟଙ୍କ ରଚିତ 'ଅର୍ଥଶାସ୍ତ୍ର' ପୁସ୍ତକରେ 'ଭେଦ୍ୱୟାକାଶ' ନାମକ ଏକ ବିଭାଗ କଥା ଉଲ୍ଲେଖ ଅଛି । ଏହି ବିଭାଗ ଜଳପଥ, ନଦୀ, ସମୁଦ୍ର, ବିଭିନ୍ନ ପ୍ରକାର ଡଙ୍ଗା ଓ ତାହାର ବ୍ୟବହାର ସମ୍ପର୍କରେ ଏହି ପୁସ୍ତକରେ ଉଲ୍ଲେଖ ଅଛି । ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ସମୟରେ ତାଙ୍କର ବହିର୍ବାଣିଜ୍ୟ ସମ୍ପକ ଶ୍ରୀଲଙ୍କା, ଇଜିପ୍ଟ, ସିରିଆ ଏବଂ ମାସିଡୋନିଆ ପ୍ରଭୃତି ଦେଶ ସହିତ ଥିଲା । ଖ୍ରୀପୂ ୨୬୧ରେ ଅଶୋକ କଳିଙ୍ଗ ଆକ୍ରମଣ କରିବାର ପ୍ରମୁଖ ଉଦ୍ଦେଶ୍ୟ ଥିଲା କଳିଙ୍ଗର ସାମୁଦ୍ରିକ ପଥକୁ ବ୍ୟବହାର କରି ସୁଦୃଢ଼ ନୌବାଣିଜ୍ୟ ପରମ୍ପରା ସୃଷ୍ଟି କରିବା ।



## ଭାରତର ନୌବାଣିଜ୍ୟ ପରମ୍ପରା

ଖ୍ରୀ.ପୂ ୨୦୦-ଖ୍ରୀଷ୍ଟାବ୍ଦ ୨୨୦ ପର୍ଯ୍ୟନ୍ତ ସାତବାହନ ରାଜବଂଶ ଡେକାନ ଅଞ୍ଚଳରେ ଶାସନ କରୁଥିଲେ । କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଗୁଜୁରାଟର ସୌରାଷ୍ଟ୍ର ପର୍ଯ୍ୟନ୍ତ ଏହି ରାଜବଂଶର ସୀମା ବିସ୍ତାର ଲାଭ କରିଥିଲା । ଭାରତର ପୂର୍ବ ଉପକୂଳ, ବଙ୍ଗୋପସାଗରରେ ସେମାନଙ୍କର ଆଧିପତ୍ୟ ଥିଲା । ଏହି ବଂଶ ରୋମାନ୍ ସାମ୍ରାଜ୍ୟ ସହିତ ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠା କରିଥିଲେ । ସାତବାହନ ପ୍ରଥମ ଭାରତୀୟ ରାଜବଂଶ ଯେ, ତାଙ୍କ ମୁଦ୍ରାରେ ଜାହାଜର ଚିତ୍ର ଖୋଦନ କରିଥିଲେ । ଏହି ରାଜବଂଶ ନୌବାଣିଜ୍ୟ ମାଧ୍ୟମରେ ଭାରତୀୟ ଭାଷା, ଧର୍ମ ଓ ସଂସ୍କୃତିକୁ ଦକ୍ଷିଣ-ପୂର୍ବ ଏସିଆରେ ପ୍ରଚାର କରିଥିଲେ । ଗୁପ୍ତ ଯୁଗ (ଖ୍ରୀଷ୍ଟାବ୍ଦ ୩୨୦-୫୦୦) ସମୟରେ ଚନ୍ଦ୍ରଗୁପ୍ତ ପ୍ରଥମ, ସମୁଦ୍ରଗୁପ୍ତ ଓ ଚନ୍ଦ୍ରଗୁପ୍ତ ଦ୍ୱିତୀୟ ପ୍ରମୁଖ ରାଜା ଗୁପ୍ତ ଯୁଗର ସମୃଦ୍ଧିରେ ବିଶେଷ ଭୂମିକା ଗ୍ରହଣ କରିଥିଲେ । ଗୁପ୍ତ ଯୁଗର ଅର୍ଥ ନୈତିକ ସମୃଦ୍ଧିର ନୌବାଣିଜ୍ୟର ଶ୍ରେଷ୍ଠ ଯୋଗଦାନ ଥିଲା । ଏ ସଂପର୍କରେ ଚୀନ୍ ପରିବ୍ରାଜକ ଫାହିୟାନଙ୍କ ବିବରଣୀରୁ ଜଣାଯାଏ । ଫାହିୟାନ୍ ୪୪୩ ଖ୍ରୀଷ୍ଟାବ୍ଦରେ ତାମ୍ରଲିପ୍ତିରୁ ଜଳଯାତ୍ରା ଆରମ୍ଭ କରି ଶ୍ରୀଲଙ୍କା, ଜାଭା, ନିକୋବର ଦେଇ ନିଜ ଦେଶକୁ ଯାତ୍ରା କରିଥିଲେ । ଅନ୍ୟତମ ଚୀନ୍ ପରିବ୍ରାଜକ ହୁଏନସାଂ ମଧ୍ୟ ତାଙ୍କ ରଚିତ ପୁସ୍ତକରେ



ସମୃଦ୍ଧ ନୌବାଣିଜ୍ୟର କଥା ଉଲ୍ଲେଖ କରିଛନ୍ତି । ଗୁପ୍ତଯୁଗରେ ଭାରତ ପୂର୍ବ-ପଶ୍ଚିମ ଉପକୂଳରେ କେତେକ ବନ୍ଦର ସ୍ଥାପନ କରାଯାଇଥିଲା । ଯାହା ଇଉରୋପ, ଆଫ୍ରିକା ସହିତ ବାଣିଜ୍ୟ ସଂପର୍କ ପ୍ରତିଷ୍ଠା କରିଥିଲା । ଦାକ୍ଷିଣାତ୍ୟର ଶକ୍ତିଶାଳୀ ରାଜବଂଶ ଚୋଳ, ଚେର, ପାଣ୍ଡ୍ୟ ପ୍ରଭୃତି, ଜାଭା, ସୁମାତ୍ରା, ମାଳୟ, ସହିତ ନିବିଡ଼ ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠା କରିଥିଲେ । ଏହି ସମୟରେ ମୌସୁମୀ ଜଳବାୟୁ ଜ୍ଞାନକୁ ଜଳଯାତ୍ରା ଓ ନୌବାଣିଜ୍ୟ କ୍ଷେତ୍ରରେ ବ୍ୟବହାର କରାଯାଉଥିଲା । ତୃତୀୟ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ, ଚୋଳ ରାଜବଂଶ ସମୟରେ ଜାହାଜ, ଡଙ୍ଗା, ନୌଉପକରଣ, ନିର୍ମାଣ କାରଖାନା ପ୍ରତିଷ୍ଠା କରାଯାଇଥିଲା ।

ଅଷ୍ଟମ ଶତାବ୍ଦୀରେ ଆରବମାନେ ଭାରତକୁ ପ୍ରବେଶ କରିଥିଲେ ସମୁଦ୍ରପଥ ମାଧ୍ୟମରେ ବ୍ୟବସାୟୀ ରୂପେ । ପଶ୍ଚିମ ଏସିଆ ଏ ସମୟରେ ମୁଖ୍ୟ ବାଣିଜ୍ୟ କେନ୍ଦ୍ର ଥିଲା । ଇଉରୋପ, ଦକ୍ଷିଣ ଏସିଆ ଓ ଭାରତ ମଧ୍ୟରେ ଏ ସମୟରେ ବାଣିଜ୍ୟିକ ସମ୍ପର୍କ ଅତି ନିବିଡ଼ ଥିଲା । ଆରବମାନେ ପୂର୍ବ-ପଶ୍ଚିମ ମଧ୍ୟରେ ବାଣିଜ୍ୟିକ ମଧ୍ୟସ୍ଥ ଭୂମିକା ଗ୍ରହଣ କରିଥିଲେ । ଦାସବଂଶ, ଖିଲିଜ ବଂଶ, ତୋଗଲଗ ବଂଶ, ସହିଦ୍ ବଂଶ, ଲୋଦି ବଂଶ, ସୁଲତାନୀ ଶାସନ ସମୟରେ ଭାରତର ନୌବାଣିଜ୍ୟ ବ୍ୟବସ୍ଥା ଉତ୍ସାହଜନକ ଥିଲା । ଭାରତର ନୌବାଣିଜ୍ୟ ପରମ୍ପରା ବେଶ୍ ସମୃଦ୍ଧଶାଳୀ । ■

ଇତିହାସ ବିଭାଗ, ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା, ୭୫୨୦୫୪, ମୋ- ୮୮୯୫୧୯୦୪୭୫

# ଭାରତୀୟ ନୌବାଣିଜ୍ୟ ସଂସ୍କୃତି



ପୂର୍ଣ୍ଣଚନ୍ଦ୍ର ଦାସ

ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ ହେଉଛି ସାମୁଦ୍ରିକ ବାଣିଜ୍ୟ । ଆମେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ବହୁବିଧ ସାମଗ୍ରୀ ଏବଂ ତା'ର ଉପକରଣଗୁଡ଼ିକ ସମୁଦ୍ର ପଥ ଦେଇ ଆସିଥାଏ । ବିଶ୍ୱ ନୌବାଣିଜ୍ୟ ଇତିହାସ ପ୍ରାଚୀନ ସମୟରୁ ମାନବ ସଭ୍ୟତାର ବିକାଶ, ସାଂସ୍କୃତିକ ଭାବ ବିନିମୟ ଏବଂ ଅର୍ଥନୈତିକ ସମୃଦ୍ଧିର ମୂଳଦୁଆ ଅଟେ । ଭାରତର ବାଣିଜ୍ୟ ଅତି ପ୍ରାଚୀନ ଓ ମୂଲ୍ୟବାନ ସୁସମୃଦ୍ଧ ପରମ୍ପରା ବହନ କରେ । ଯାହା ସିନ୍ଧୁ ସଭ୍ୟତା ସମୟରୁ ମେସୋପଟାମିଆଁ ସହ ସମ୍ପର୍କରୁ ଆରମ୍ଭ ହୋଇଥିଲା । ପ୍ରାଚୀନ ଓ ମଧ୍ୟଯୁଗରେ ମସଲା, ସୂକ୍ଷ୍ମ ବସ୍ତ୍ର ଏବଂ ମୂଲ୍ୟବାନ୍ ପଥର ହାତୀ ଦାନ୍ତ ପାଇଁ ଭାରତ ବିଶ୍ୱରେ ପ୍ରମୁଖ ରପ୍ତାନିକାରୀ ଥିଲା । ଭାରତୀୟ ବଣିକମାନେ ସମୁଦ୍ର ପଥ ଦେଇ ଦକ୍ଷିଣ-ପୂର୍ବ ଏସିଆ, ରୋମାନ୍ ସାମ୍ରାଜ୍ୟ ଏବଂ ଆରବ ଦେଶକୁ ମସଲା, ସୂତାବସ୍ତ୍ର ରପ୍ତାନି କରୁଥିଲେ । ବୈଦିକ ଯୁଗରେ ଆଭ୍ୟନ୍ତରୀଣ ବାଣିଜ୍ୟ, ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ମହାଜନପଦମାନଙ୍କ ମଧ୍ୟରେ ବାଣିଜ୍ୟ, ପୌରାଣିକ ଯୁଗରେ ଉଭୟ ସ୍ଥଳପଥ ଓ ଜଳପଥରେ ଆଭ୍ୟନ୍ତରୀଣ ବାଣିଜ୍ୟ, ମୌର୍ଯ୍ୟ ଯୁଗରେ ବିଭିନ୍ନ ସ୍ଥାନରେ ବାଣିଜ୍ୟ କେନ୍ଦ୍ର ଓ ପୋତାଶ୍ରୟ ନିର୍ମାଣ ଏବଂ ସାମୁଦ୍ରିକ ବାଣିଜ୍ୟର ବିକାଶ, ଗୁପ୍ତ ଯୁଗରେ ଉଭୟ ଆଭ୍ୟନ୍ତରୀଣ ଓ ବହିର୍ଦେଶ ବାଣିଜ୍ୟର ଦ୍ରୁତ ପ୍ରଗତି ଭାରତରେ ଏକ ଦୃଢ଼ ବାଣିଜ୍ୟିକ ପରମ୍ପରା ସୃଷ୍ଟି କରିଥିଲା । ସୁଲତାନୀୟ, ମୋଗଲ ଓ ଇଂରେଜ ଶାସକମାନଙ୍କ ଦ୍ୱାରା ଏହି ପରମ୍ପରା କେତେକାଂଶରେ ବ୍ୟାଘାତ ଘଟିଲେ ମଧ୍ୟ ପାଶ୍ଚତ୍ୟ ଦେଶଗୁଡ଼ିକ ଭାରତର ଏହି ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଦ୍ୱାରା ଆକୃଷ୍ଟ ହୋଇ ସେ ନିଜ ଦେଶର ବ୍ୟବସାୟିକ ଉନ୍ନତି ଉଦ୍ଦେଶ୍ୟରେ ଭାରତରେ ବାଣିଜ୍ୟ କୋଠିମାନ ନିର୍ମାଣ କରିଥିଲେ ।

ଔପନିବେଶ ଯୁଗ (୧୮ ଶ – ୨୦ ଶ ଶତାବ୍ଦୀ) ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀର ଆଗମନ ପରେ ଭାରତରୁ କଞ୍ଚାମାଲ (ତୁଳା, ନୀଳ, ଚା') ବ୍ରିଟେନକୁ ରପ୍ତାନି ହେଉଥିଲା ଏବଂ ସେଠାରୁ କଳକବ୍ଜା ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟଗୁଡ଼ିକ ଭାରତୀୟ ବଜାରକୁ ଆସୁଥିଲା । ସ୍ୱାଧୀନତା ପରବର୍ତ୍ତୀ ସମୟ (୧୯୪୭-୧୯୯୧) ଭାରତ 'ଆମଦାନୀ ବଦଳ' (Import Substitution) ନୀତି ଆପଣାଇ ଥିଲା । ଯାହାଦ୍ୱାରା ବୈଦେଶିକ ବାଣିଜ୍ୟ ସୀମିତ ଥିଲା  ଉଦାରୀକରଣ (୧୯୯୧ ରୁ ବର୍ତ୍ତମାନ) ୧୯୯୧ର ନୂତନ ଅର୍ଥନୈତିକ ନୀତି ପରେ ଭାରତର ବାଣିଜ୍ୟ ଖୋଲା ହେଲା । ସୂଚନା ପ୍ରଯୁକ୍ତିବିଦ୍ୟା (IT) ଔଷଧ ଏବଂ ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନୀରେ ଭାରତ ଦୃଢ ଅଭିବୃଦ୍ଧି ହାସଲ କଲା । ବର୍ତ୍ତମାନ ଭାରତ ବିଶ୍ୱ ବାଣିଜ୍ୟରେ ଏକ ପ୍ରମୁଖ ମହାଶକ୍ତି ଭାବେ ଉଭା ହୋଇଛି । ଯାହା ବିଶ୍ୱ ବାଣିଜ୍ୟରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ ।



## ଦେଶର ବିକାଶରେ ନୌବାଣିଜ୍ୟର ଭୂମିକା

କୌଣସି ଦେଶର ସର୍ବାଙ୍ଗୀନ ବିକାଶ ଓ ବାହ୍ୟ କାରବାର ବୃଦ୍ଧି ପାଇଁ ସଂରକ୍ଷିତ ସାମୁଦ୍ରିକ ଅଞ୍ଚଳ ଓ ସମୁଦ୍ର ପଥ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ବର୍ତ୍ତମାନ ଆମ ଦେଶରେ ୭.୫୧୭ କିଲୋମିଟର ଦୀର୍ଘ ସମୁଦ୍ରତଟ ରହିଛି । ଭାରତ ଏବେ ବିଶ୍ୱର ଷୋଡ଼ଶ ବୃହତ୍ତମ ସାମୁଦ୍ରିକ ଶିଳ୍ପର ମାନ୍ୟତା ପାଇଛି । ଏହାର ୧୨ଟି ପ୍ରମୁଖ ବନ୍ଦର ସମେତ ୨୦୫ଟି ବିଜ୍ଞାପିତ କ୍ଷୁଦ୍ର ଓ ମଧ୍ୟମ ବନ୍ଦର ରହିଛି । ଜାତୀୟ ନୌବାଣିଜ୍ୟ ଦିବସଟି ଆମ ସାମୁଦ୍ରିକ କ୍ଷେତ୍ରର ସୁରକ୍ଷା, ନିରାପତ୍ତା, ସଞ୍ଜମତା ଓ ଏକ ଦୃଢ଼ ସମୃଦ୍ଧ ରାଷ୍ଟ୍ର ଗଠନର ପ୍ରେରଣା ଅଟେ । ଏକ ଅନୁଧ୍ୟାନ କୁହେ ସର୍ବାଧିକ ନାବିକ ଭାରତ ଓ ଫିଲିପାଇନସ୍‌ରୁ ଆସିଥାନ୍ତି । ଏହାର ଏକ ପ୍ରମୁଖ କାରଣ ହେଉଛି ଭାରତୀୟମାନେ ଭଲ ଇଂରାଜୀ ଜାଣନ୍ତି ଯାହାକି ଆନ୍ତର୍ଜାତୀୟ ନୌବାଣିଜ୍ୟ କ୍ଷେତ୍ରରେ ପ୍ରଚଳିତ ଏକ ପ୍ରମୁଖ ଭାଷା, ଦ୍ୱିତୀୟରେ ସେମାନେ ନିଜର ପେଶାଦାର ଓ ଶୃଙ୍ଖଳିତ ଆଚରଣ ପାଇଁ ମଧ୍ୟ ଜଣାଶୁଣା ଅଟନ୍ତି ।

ଆଧୁନିକ ଯୁଗରେ ଉନ୍ନତ ତାଲିମ ପ୍ରତିଷ୍ଠାନ ଖୋଲିବା ଫଳରେ ଭାରତୀୟ ଯୁବପିଢ଼ି ମର୍ଚ୍ଚାଣ୍ଟ ନାଭିରେ କ୍ୟାରିୟର କରିବାକୁ ଆଗଭର ହେଉଛନ୍ତି । ଯଦିଓ ଏହି ପେସାରେ ମାସ ମାସ ଧରି ସମୁଦ୍ର ବକ୍ଷରେ ସମୟ କଟାଇବାକୁ ପଡ଼ିଥାଏ, କିନ୍ତୁ ଲୋଭନୀୟ ଅର୍ଥ ଉପାର୍ଜନ ପାଇଁ ଏହି ଚ୍ୟାଲେଞ୍ଜକୁ ସେମାନେ ଗ୍ରହଣ କରି ନିଅନ୍ତି । ଏହି କାରଣରୁ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଚଳାଚଳ କରୁଥିବା ଜାହାଜରେ ଅଧିକ ସଂଖ୍ୟାରେ ଭାରତୀୟ ନାବିକ ଦେଖିବାକୁ ମିଳନ୍ତି । ଲୋହିତ ସାଗର, ହର୍ମୁଜ୍ ପ୍ରଣାଳୀ, ସୋମାଲିଆ ଆଦି ବିପଦପୂର୍ଣ୍ଣ ସାମୁଦ୍ରିକ ପଥରେ ଚଳାଚଳ କରୁଥିବା ଜାହାଜଗୁଡ଼ିକରେ ମଧ୍ୟ ଭାରତୀୟ ନାବିକମାନେ କାର୍ଯ୍ୟ କରୁଛନ୍ତି । ଯାହା ପ୍ରାଚୀନ ସମୟରୁ ଆଜିଯାଏ, ଭାରତୀୟମାନଙ୍କର ସମୁଦ୍ର ସହିତ ଥିବା ଅତୁଟ ସମ୍ପର୍କକୁ ରେଖାଙ୍କିତ କରେ । ଖାଲି ବଙ୍ଗୋପସାଗର ନୁହେଁ, ଭାରତ ମହାସାଗର ଓ ଆରବ ସାଗର ମଧ୍ୟ ଭାରତ ପାଇଁ ଥିଲା ବିଶ୍ୱ ସମ୍ପର୍କ ଓ ସମନ୍ୱୟର ଏକ ଏକ ଦ୍ୱାର । ■



ସହକାରୀ ସଂଗ୍ରାହକ, ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ,
ଯୋବ୍ରା, କଟକ-୭୫୩୦୦୭, ମୋ: ୯୪୩୭୮୩୫୨୪୫

## ଭାରତୀୟ ନୌବାଣିଜ୍ୟ ଦିବସ

ଦେଶ ଦେଶ ମଧ୍ୟରେ ହେଉଥିବା ବାଣିଜ୍ୟ କାରବାରରେ ଜଳପଥର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଜଳପଥରେ ମୋଟ ବାଣିଜ୍ୟର ୮୦ ପ୍ରତିଶତ ପରିବହନ କରାଯାଇଥାଏ । ବାଣିଜ୍ୟ ଲାଗି ଜଳପଥର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ୧୮୪୮ ରେ ଜାତିସଂଘ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା । ପରେ ୧୯୫୮ ରେ ଇଣ୍ଟର ଗଭର୍ଣ୍ଣମେଣ୍ଟାଲ ମେରିଟାଇମ୍ କନ୍‌ସଲଟିଭ ଅର୍ଗାନାଇଜେସନ (ଆଇ.ଏମ୍.ସି.ଓ.) ଗଠନ କରାଯାଇଥିଲା । ସେତେବେଳେ ଏହାର ସଦସ୍ୟ ସଂଖ୍ୟା ୨୧ ଥିଲା ବେଳେ ଏବେ ଏହା ୧୬୭ ରେ ପହଞ୍ଚିଛି । ଏହାପରେ ୧୯୭୮ ମାର୍ଚ୍ଚ ୧୭ ରେ ବିଶ୍ୱ ମେରିଟାଇମ୍ ଦିବସ ଭାବରେ ପାଳନ କରାଯାଇଥିଲା । ୧୯୮୨ ରେ ଏହାକୁ ଆନ୍ତର୍ଜାତୀୟ ମେରିଟାଇମ୍ ଅର୍ଗାନାଇଜେସନ ଭାବେ ନାମିତ କରାଯାଇଥିଲା । ଜଳପଥର ଗୁରୁତ୍ୱ ଉପଲବ୍ଧି କରାଇବା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ଶେଷ ଗୁରୁବାରକୁ ୱାଲର୍ଡ ମେରିଟାଇମ୍ ଡେ ବା ବିଶ୍ୱ ନୌବାଣିଜ୍ୟ ଦିବସ ଭାବେ ପାଳନ କରାଯାଉଛି । ପ୍ରତିବର୍ଷ ଆମ ଦେଶ

ଭାରତବର୍ଷରେ ଏପ୍ରିଲ ୫ ତାରିଖକୁ ଭାରତୀୟ ନୌବାଣିଜ୍ୟ ଦିବସ ରୂପେ ପାଳନ କରାଯାଇ ଆସୁଛି । ଅତୀତରେ ଭାରତର ବେପାର ଓ ବାଣିଜ୍ୟକୁ ବିଶ୍ୱସ୍ତରରେ ପହଞ୍ଚାଇବା ଲାଗି ନୀଳ ସମୁଦ୍ର ଭିତରେ ମାସ ମାସ ଧରି ସମୟ ବିତାଇଥିବା ନାବିକମାନଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ୧୯୬୪ ମସିହାରୁ ଏହି ଦିବସ ପାଳିତ ହୋଇ ଆସୁଛି । ଏକ ଭାରତୀୟ କମ୍ପାନୀ ସିନ୍ଧିଆ ଷ୍ଟିମ୍ ନେଭିଗେସନ ଲିଃ ଦ୍ୱାରା ନିର୍ମିତ ଭାରତର ପ୍ରଥମ ନୌବାଣିଜ୍ୟ ଜାହାଜ 'ଏସ୍.ଏସ୍. ଲୟାଲଟି' ପ୍ରଥମ କରି ୧୯୧୯ ମସିହା ଏପ୍ରିଲ ୫ ତାରିଖରେ ବମ୍ବେଠାରୁ ଲଣ୍ଡନ ଅଭିମୁଖେ ଯାତ୍ରା କରିଥିଲା । ସେତେବେଳେ ସମଗ୍ର ସମୁଦ୍ରପଥ ବ୍ରିଟିଶମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିବାରୁ ପରାଧୀନ ଭାରତରେ ସେହି ଜାହାଜକୁ ଚଳାଇବା ଏକ ଐତିହାସିକ ପଦକ୍ଷେପ ଥିଲା । ତେଣୁ ସେହି ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ ରଖିବା ଲାଗି ନୌବାଣିଜ୍ୟ ଦିବସର ପରିକଳ୍ପନା କରାଯାଇଥିଲା । ୧୯୬୪ ମସିହା ଠାରୁ ଏପ୍ରିଲ ୫ ତାରିଖକୁ ଆମ ଦେଶରେ 'ଜାତୀୟ ନୌବାଣିଜ୍ୟ ଦିବସ' ରୂପେ ପାଳନ କରାଯାଇ ଆସୁଅଛି ।





# ହର୍ମୁଜ ପ୍ରଣାଳୀ ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ

ଭୌଗୋଳିକ ମାନଚିତ୍ରରେ ହର୍ମୁଜ ପ୍ରଣାଳୀ ଅତ୍ୟନ୍ତ ସରୁ ନୀଳ ରେଖାଟିଏ । ଏହି ପ୍ରଣାଳୀର ସବୁଠାରୁ ସରୁ ଅଂଶଟି ମାତ୍ର ୩୩ କିଲୋମିଟର ଚଉଡ଼ା । ମୂଳତଃ, ଏହି ପ୍ରଣାଳୀଟି ଦୁଇଟି ଉପସାଗରର ସଂଯୋଗସ୍ଥଳ । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିପାରେ ତଥାପି ଏ କଥା ସତ୍ୟ ଯେ, ଏହି ସରୁ ଜଳପଥଟି ଉପରେ ନିର୍ଭର କରି ସାରା ବିଶ୍ୱର ଜୀବାଶ୍ମ ଇନ୍ଧନ ଜାଳେଣି ଅର୍ଥନୀତି ମେରୁଦଣ୍ଡ ସଳଖ୍ ଠିଆ ହୋଇଛି । ସାମ୍ପ୍ରତିକ ସମୟରେ ସବୁଠି ଚର୍ଚ୍ଚାର ଚରିତ୍ର ପାଲଟିଥିବା ଏହି ଜଳପଥ ଜୀବାଶ୍ମ ତୈଳ ସମୃଦ୍ଧ ପାରସ୍ୟ ଉପସାଗରକୁ ଓମାନ ଉପସାଗର ସହିତ ସଂଯୁକ୍ତ କରୁଛି, ଯାହା ଆରବ ସାଗର ଓ ଭାରତ ମହାସାଗର ସହିତ ସଂଯୁକ୍ତ ।



ଡକ୍ଟର ନୀଳମଣି ସୂତାର

## ହର୍ମୁଜ ପ୍ରଣାଳୀରେ ଆମଦାନି ଓ ରପ୍ତାନି

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ପୃଥିବୀରେ ସୃଷ୍ଟି ହୋଇଛି ଶକ୍ତି ସଙ୍କଟ ଓ ବିଶ୍ୱ ଅର୍ଥନୀତିର ଚରମ ଅବନତି । ଏହି ସଂଘାତକୁ କଡ଼ା ଜବାବ ଦେବାକୁ ଯାଇ ଇରାନ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି । ଏହି ପ୍ରଣାଳୀ ଦେଇ ପ୍ରତିଦିନ ବିଶ୍ୱର ପ୍ରାୟ ୨ କୋଟି ବ୍ୟାରେଲ୍ ଅଶୋଧିତ ତୈଳ ଏବଂ ବିପୁଳ ପରିମାଣରେ ତରଳୀକୃତ ପ୍ରାକୃତିକ ଗ୍ୟାସ ପରିବାହିତ ହୋଇଥାଏ । ବିଶ୍ୱରେ ବ୍ୟବହୃତ ମୋଟ ପେଟ୍ରୋଲିୟମର ପ୍ରାୟ ଏକ-ପଞ୍ଚମାଂଶ ହିଁ ଏହି ସରୁ ପଥ ଦେଇ ବିଭିନ୍ନ ଅଞ୍ଚଳକୁ ଯାଇଥାଏ । ଏହି କାରଣରୁ ଏହାକୁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଏଲ୍ ଚୋକ୍ ପଏଣ୍ଟ ବା ତେଲ ପରିବହନର ଅନ୍ୟତମ ପ୍ରଧାନ ପ୍ରବେଶ ଦ୍ୱାର କୁହାଯାଏ । ଏମିତି ଆଉ ଏକ ପରିଚିତ ଓ ଗୁରୁତ୍ୱପୂର୍ଣ୍ଣ ପ୍ରଣାଳୀ ହେଉଛି ମାଲାକ୍କା ପ୍ରଣାଳୀ । ହର୍ମୁଜ ପ୍ରଣାଳୀର ଉତ୍ତର ପାର୍ଶ୍ୱରେ ଇରାନ ଏବଂ ଦକ୍ଷିଣରେ ରହିଛି ଓମାନର ମୁସାନ୍ଦମ ଉପଦ୍ୱୀପ । ଏହାର ଖୁବ୍ ନିକଟରେ ସଂଯୁକ୍ତ ଆରବ ଅମୀରାତ ଅବସ୍ଥିତ । ପ୍ରଣାଳୀର ଉତ୍ତର ଉପକୂଳରେ ରହିଛି ଇରାନର ଗୁରୁତ୍ୱପୂର୍ଣ୍ଣ ବନ୍ଦର 'ବନ୍ଦର ଆବାସ' ଏବଂ ଏହାର ଆଖପାଖରେ କେଶମ, ହର୍ମୁଜ ଓ ଲାରାକ ପରି କେତେଗୁଡ଼ିଏ ଛୋଟ ବଡ଼ ଦ୍ୱୀପ ଅବସ୍ଥିତ । ଜାହାଜ ଯାତାୟାତ କରିବା ପାଇଁ ଏଠାରେ ନିର୍ଦ୍ଦିଷ୍ଟ ଦୁଇଟି ପଥ ବା ଲେନ୍ ରହିଛି, ପ୍ରତ୍ୟେକ ଲେନ୍ ପ୍ରାୟ ୩ କିଲୋମିଟର ଚଉଡ଼ା । ଦୁଇଟି ଲେନ୍ ମଝିରେ ୩ କିଲୋମିଟର ପ୍ରଶସ୍ତ ଏକ ନିରାପଦ ଅଞ୍ଚଳ ରହିଛି । ଏହି ଦୁଇ ଲେନ୍‌ର ସର୍ବାଧିକ ଅଂଶ ଓମାନ୍‌ର ଆନ୍ତର୍ଜାତୀୟ ଜଳସୀମା ଅନ୍ତର୍ଭୁକ୍ତ । ତଥାପି ଆନ୍ତର୍ଜାତିକ ସମୁଦ୍ର ଆଇନ ଶୃଙ୍ଖଳା ବଳରେ ସାରା ପୃଥିବୀ ପାଇଁ ବୈଶ୍ୱିକ ନୌପଥ ହିସାବରେ ସ୍ୱୀକୃତ । ଏହାର ଗଭୀରତା ୬୦ ରୁ ୧୦୦ ମିଟର, ଯାହା ମଧ୍ୟ ଦେଇ ବିଶାଳ ଆକୃତିର ସୁପର୍ ଟ୍ୟାଙ୍କର ଚଳାଚଳ କରିବା ପାଇଁ ଯଥେଷ୍ଟ ସୁବିଧା ରହିଛି । ମୁଖ୍ୟତଃ ସାଉଦି ଆରବ, କୁଏତ, ଇରାକ, କାତାର, ବାହାରିନ, ସଂଯୁକ୍ତ ଆରବ ଅମୀରାତ ଓ ଇରାନ ଜୀବାଶ୍ମ ତୈଳ ଓ ପ୍ରାକୃତିକ ଗ୍ୟାସ୍ ରପ୍ତାନି କରିବା ପାଇଁ ଏହି ପ୍ରଣାଳୀକୁ ବ୍ୟବହାର କରିଥାନ୍ତି । ଏହି ରପ୍ତାନୀର ଚର୍ତୁପଞ୍ଚମାଂଶ ବିଶେଷ କରି ଏସିଆ ମହାଦେଶର ଚୀନ, ଭାରତ, ଜାପାନ ଓ ଦକ୍ଷିଣ କୋରିଆକୁ ଆସିଥାଏ ।

## ସାମୁଦ୍ରିକ ବାଣିଜ୍ୟ ପଥ

ହର୍ମୁଜ ପ୍ରଣାଳୀ ବିଶ୍ୱର ଅନ୍ୟତମ ମୁଖ୍ୟ ସାମୁଦ୍ରିକ ବାଣିଜ୍ୟ ପଥ । ପ୍ରାଗ୍ ଐତିହାସିକ ଯୁଗରୁ ଏହି ପ୍ରଣାଳୀ ବାଣିଜ୍ୟ ଓ ସାମରିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ରହି ଆସିଛି । ଖ୍ରୀଷ୍ଟ ପୂର୍ବ ଯୁଗରେ ପାରସ୍ୟ ସାମ୍ରାଜ୍ୟ ଏହି ଅଞ୍ଚଳ ଉପରେ ନିଜର ନିୟନ୍ତ୍ରଣ ପ୍ରତିଷ୍ଠା କରିଥିଲା । ଏହା ଥିଲା ପୂର୍ବ ଓ ପଶ୍ଚିମର ବାଣିଜ୍ୟ କାରବାରର ଏକ ପ୍ରମୁଖ ସାମୁଦ୍ରିକ ପଥ । ମଧ୍ୟଯୁଗରେ ଆରବ ବଣିକମାନେ ଏହି ପ୍ରଣାଳୀ ବ୍ୟବହାର କରି ଭାରତ, ଆଫ୍ରିକା ଓ ମଧ୍ୟପ୍ରାଚ୍ୟରେ ବାଣିଜ୍ୟ କାରବାର କରୁଥିଲେ । ୧୬ଶ ଶତାବ୍ଦୀରେ ପର୍ତ୍ତୁଗୀଜମାନେ ହର୍ମୁଜ ଦ୍ୱୀପ ଦଖଲ କରି ଏହି ପ୍ରଣାଳୀ ଉପରେ ସେମାନଙ୍କର ଆଧିପତ୍ୟ ପ୍ରତିଷ୍ଠା କରନ୍ତି, ପରବର୍ତ୍ତୀ ସମୟରେ ଏହା ସେମାନଙ୍କୁ ସାମୁଦ୍ରିକ ବାଣିଜ୍ୟରେ ଶକ୍ତିଶାଳୀ କରି ତୋଳେ । ୧୭ଶ ଖ୍ରୀଷ୍ଟାବ୍ଦରେ ବ୍ରିଟିଶ୍ ଓ ପାରସ୍ୟ ମିଳିତ ପ୍ରଚେଷ୍ଟାରେ ପର୍ତ୍ତୁଗୀଜମାନେ ପରାଜିତ ହୁଅନ୍ତି । ଆଧୁନିକ କାଳରେ ଇରାନ-ଇରାକ ଯୁଦ୍ଧ ଚାଲିଥିବା ବେଳେ 'ଟ୍ୟାଙ୍କର ଯୁଦ୍ଧ'ରେ ଏହି ପ୍ରଣାଳୀକୁ ଘେରି ଉତ୍ତେଜନା ଓ ଆକ୍ରମଣର ଅନେକ ଦୃଷ୍ଟାନ୍ତ ମଧ୍ୟ ରହିଛି ।

## ସମୁଦ୍ର ବିଜ୍ଞାନ ପାଇଁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର



ପୃଥିବୀରେ ଇନ୍ଧନ ତୈଳର ଚାହିଦା ତୁଳନମୂଳକଭାବେ ଅନମନୀୟ । ଅର୍ଥାତ, ଜୀବାଶ୍ମ ତୈଳ ଓ ପ୍ରାକୃତିକ ଗ୍ୟାସ୍ ସରବରାହ ସାମାନ୍ୟ କମିଗଲେ ଦରଦାମ ହୁ ହୁ କରି ବଢ଼ି ଯିବ । ତେଣୁ ହର୍ମୁଜ ପ୍ରଣାଳୀରେ କୌଣସି ପ୍ରକାରର ଉତ୍ତେଜନା ଦେଖାଗଲେ ବିଶ୍ୱବଜାରରେ ଇନ୍ଧନ ତୈଳର ଦାମରେ ଅସ୍ଥିରତା ସୃଷ୍ଟି ହେବ । ତେବେ ହର୍ମୁଜ ପ୍ରଣାଳୀର ଗୁରୁତ୍ୱ କେବଳ ଭୂରାଜନୀତିରେ ସୀମାବଦ୍ଧ ନୁହେଁ, ଏହା ସମୁଦ୍ର ବିଜ୍ଞାନ ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର । ପାରସ୍ୟ ଉପସାଗର ଏକ ଅଗଭୀର ଓ ଅର୍ଦ୍ଧବଦ୍ଧ ସାଗର । ଏଠାରେ ବୃଷ୍ଟିପାତ କମ୍ ହୁଏ । ନଦୀର ଜଳପ୍ରବାହ ମନ୍ଥର ଓ ସୀମିତ ହେଲେ ମଧ୍ୟ ଅତିବେଶି ବାଷ୍ପୀଭବନ ହୋଇଥାଏ । ଫଳସ୍ୱରୂପ, ଉପସାଗରର ଜଳ କ୍ରମଶଃ ଲବଣାକ୍ତ ଓ ଭାରି ହୋଇ ଉଠେ । ଏହି ପରିସ୍ଥିତିରେ ସେଠାରେ ସୃଷ୍ଟି ହୁଏ 'ଇନଭର୍ସ ଏଷ୍ଟୁଆରୀ ସରକୁଲେସନ' ବା ବୈପରୀତ ଜଳ ପ୍ରବାହ । ଏହି ପ୍ରକ୍ରିୟା ଫଳରେ ଭାରତ ମହାସାଗରଠାରୁ ଅପେକ୍ଷାକୃତ କମ୍ ଲବଣାକ୍ତ ଜଳ ଉପର ସ୍ତର ଦେଇ ଉପସାଗରରେ ପ୍ରବେଶ କରେ । ଏହାପରେ ଉପସାଗରର ଅତିରିକ୍ତ ବାଷ୍ପୀଭବନ କାରଣରୁ ସେହି ପାଣି ଆହୁରି ଲବଣାକ୍ତ ଓ ଭାରି ହୋଇ ଆହୁରି ତଳକୁ ଯାଇ ହର୍ମୁଜ ପ୍ରଣାଳୀ ବାଟେ ସାଗରରେ ପ୍ରବେଶ କରେ । ଏହି ଦୁଇ ସ୍ତରର ଜଳ ପ୍ରବାହ ଉପସାଗରର ଲବଣର ଭାରସାମ୍ୟ ବଜାୟ ରଖେ । ଜଳବାୟୁ ପରିବର୍ତ୍ତନ, ନଦୀର ଜଳ ପ୍ରବାହ ହ୍ରାସ କିମ୍ବା ମାନବ ସୃଷ୍ଟ ବିଭିନ୍ନ କାର୍ଯ୍ୟକଳାପ ସମୁଦ୍ରର ଏହି ସୂକ୍ଷ୍ମ ଭାରସାମ୍ୟରେ ପ୍ରବାହ ପକାଇ ପାରେ । ମାନବ ସୃଷ୍ଟ କାରଣଗୁଡ଼ିକ ମଧ୍ୟରେ ଅନ୍ୟତମ ହେଉଛି ସମୁଦ୍ର ଜଳରୁ ଲବଣ ଦୂର କରିବା ପାଇଁ ସ୍ଥାପିତ ହୋଇଥିବା ପ୍ରକଳ୍ପଗୁଡ଼ିକରୁ ନିର୍ଗତ ବର୍ଜ୍ୟବସ୍ତୁ ସମୁଦ୍ରରେ ମିଶୁଛି । ଉଚ୍ଚ କ୍ଷମତା ସମ୍ପନ୍ନ ଆଧୁନିକ 'ସମୁଦ୍ର ମଡେଲ' ବ୍ୟବହାର

କରି ବୈଜ୍ଞାନିକମାନେ ଦେଖିଛନ୍ତି, ଜୁଆର-ଭଟ୍ଟା ଓ ନଦୀ ପ୍ରଭାବକୁ ଯୋଗ କରିଲେ ଏହି ପ୍ରଣାଳୀ ଦେଇ ଲବଣ ଓ ମଧୁର ଜଳ ଆଦାନ ପ୍ରଦାନ ଉଲ୍ଲେଖଯୋଗ୍ୟ ଭାବେ ବଦଳିଯାଏ । ଉପସାଗରୀୟ ସ୍ରୋତ ତିଆରି ହେବାରେ ମୌସୁମୀ ବାୟୁ ଓ ଶାମାଲ ନାମକ ଏକ ଶୁଷ୍କ ଓ ତୀବ୍ର ବାୟୁପ୍ରବାହର ବଡ଼ ଭୂମିକା ରହିଛି । ଏଗୁଡ଼ିକ ଜଳର ମିଶ୍ରଣ ଓ ଘୂର୍ଣ୍ଣି ତିଆରି କରନ୍ତି । ହର୍ମୁଜ ପ୍ରଣାଳୀ ପାଖାପାଖି ସ୍ରୋତ କେବେ ଇରାନର ଉପକୂଳ ଛୁଇଁ ଉତ୍ତରକୁ ଯାଏ ତ ପୁଣି କେତେବେଳେ ଦକ୍ଷିଣରେ ଘୂର୍ଣ୍ଣି ସୃଷ୍ଟି କରି ଓଲଟା ଫେରି ଆସେ ।

ସମୁଦ୍ରର ଏହି ଜଟିଳ ସଂଚାଳନ କେବଳ ଲବଣ ନୁହେଁ, ନାନାଦି ପୁଷ୍ଟିକର ଉପାଦାନ ବି ବୋହି ଆଣେ ଯାହା ସ୍ଥାନୀୟ ସାମୁଦ୍ରିକ ଜୀବ ବୈଚିତ୍ର୍ୟରେ ବ୍ୟାପକ ପ୍ରଭାବ ପକାଇଥାଏ । ୨୦୧୯ ମସିହାରେ ନାସାର ଲ୍ୟାଣ୍ଡସ୍ୟାଟ- ୮ ଉପଗ୍ରହ ହର୍ମୁଜ ପ୍ରଣାଳୀରେ ଫାଇଟୋପ୍ଲାଙ୍କଟନର ଏକ ବିଶାଳ ବ୍ଲୁମର ଛବି ଉତ୍ତୋଳନ କରିଥିଲେ । ସବୁଜ-ନୀଳ ଘୂର୍ଣ୍ଣି ପରି ସେହି ଛବି ଦେଖିବାକୁ ଅନେକଟା ଜଳ ରଙ୍ଗରେ ଅଙ୍କା କାନଭାସ ପରି ମନେ ହେଉଥିଲା । ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳାର ମୂଳ ଭିତ୍ତି ହେଉଛି ଏହି ଫାଇଟୋପ୍ଲାଙ୍କଟନ । ସୂର୍ଯ୍ୟାଲୋକ, ପୁଷ୍ଟି, ତାପମାତ୍ରା ଓ ଲବଣାକ୍ତତାର ସଠିକ୍ ଭାରସ୍ୟାମ ପାଇଲେ ଏଗୁଡ଼ାକ ଖୁବ ଦ୍ରୁତ ଗତିରେ ବୃଦ୍ଧି ପାଇଥାନ୍ତି । କିନ୍ତୁ ପୁଷ୍ଟିକର ଉପାଦାନର ପ୍ରବାହ ଅତିରିକ୍ତ ବଢିଗଲେ ବା ପରିବେଶଗତ କୌଣସି ବଡ଼ ଧରଣର ପରିବର୍ତ୍ତନ ଘଟିଲେ ସେଠାରେ କ୍ଷତିକାରକ ଶୈବାଳର ବିସ୍ତାର ବୃଦ୍ଧି ପାଇପାରେ । ସେତେବେଳେ ଡାଇନୋଫ୍ଲାଜେଲେଟ୍ ନାମରେ ଏକ ଧରଣର ଅଣୁଜୀବରୁ ବିଷାକ୍ତ ପଦାର୍ଥ ଉତ୍ପନ୍ନ ହୁଏ, ଯାହା ସାମୁଦ୍ରିକ ପ୍ରାଣୀ ଓ ମଣିଷ ପାଇଁ ହାନିକାରକ ଅସ୍ୱାସ୍ଥ୍ୟକର ଅବସ୍ଥା ସୃଷ୍ଟି କରିପାରେ । ହର୍ମୁଜ ପ୍ରଣାଳୀ ପାରସ୍ୟ ଉପସାଗର ଓ ଓମାନ ଉପସାଗରର ସଂଯୋଗସ୍ଥଳରେ ରହୁଥିବାରୁ ଏହି ଅଞ୍ଚଳରେ ଜୀବ ବୈଚିତ୍ରର ଏକପ୍ରକାର ଅଦ୍ଭୁତ ମିଶ୍ରଣ ଘଟେ । ବୈଜ୍ଞାନିକମାନେ ଗବେଷଣାରୁ ଜାଣି ପାରିଛନ୍ତି ଏହି ପ୍ରଣାଳୀରେ ଦେଖା ଯାଉଥିବା ଅନେକ ପ୍ଲାଙ୍କଟନ ସହ ଓମାନ ଉପସାଗରର ପ୍ଲାଙ୍କଟନର ବେଶ୍ ସାଦୃଶ୍ୟ ରହିଛି ।

## ହର୍ମୁଜ ପ୍ରଣାଳୀରେ ଭାରତରୁ ରପ୍ତାନି ଦ୍ରବ୍ୟ



ମଧ୍ୟଯୁଗରେ ଭାରତୀୟ ବଣିକମାନେ ହର୍ମୁଜ ପ୍ରଣାଳୀ ସହିତ ପରିଚିତ ହୁଅନ୍ତି । ସେ ସମୟରେ ଭାରତର ଅନ୍ୟତମ ପ୍ରଧାନ ରପ୍ତାନି ଧାତୁଗୁଡ଼ିକ ମଧ୍ୟରେ ରତ୍ନ ପଥର ଓ ଗହଣା ଶିଳ୍ପ ଯଥା ହୀରା କଟିଂ ଓ ପଲିସି କରିବା କ୍ଷେତ୍ରରେ ଶୀର୍ଷସ୍ଥାନ ଲାଭ କରିଥିବାରୁ ମଧ୍ୟ ପ୍ରାଚ୍ୟର ଦେଶଗୁଡ଼ିକକୁ ଏହି ସବୁ ପଦାର୍ଥ ରପ୍ତାନି ହୋଇଥାଏ । ସୁନା ଗହଣା, ହୀରା ଅଳଙ୍କାର ତଥା ମୂଲ୍ୟବାନ ରେଶମୀ ବସ୍ତ୍ର ମଧ୍ୟ ମଧ୍ୟପ୍ରାଚ୍ୟ, ୟୁରୋପ ଓ ଆମେରିକାର ବଜାରକୁ ବ୍ୟାପକ ଭାବେ ପଠାଯାଉଥିଲା । ଏହା ସହିତ ଚମଡ଼ା ଜାତ ପଣ୍ୟ ମଧ୍ୟରେ ଜୋତା, ବ୍ୟାଗ, ବେଲ୍ଟ, ଜ୍ୟାକେଟ୍ ଏବଂ ଅନ୍ୟାନ୍ୟ ଫେସନ ସାମଗ୍ରୀ ପ୍ରଚୁର ପରିମାଣରେ ବିଦେଶକୁ ପଠାଯାଉଥିଲା । ୟୁରୋପୀୟ ଦେଶ ଗୁଡ଼ିକରେ ଭାରତର ଚମଡ଼ାଜାତ ଦ୍ରବ୍ୟର ଚାହିଦା ବେଶ ଉତ୍କୃଷ୍ଟ ଥିଲା । ସେହିଭଳି ହସ୍ତଶିଳ୍ପ ଓ ହ୍ୟାଣ୍ଡଲୁମ ପଣ୍ୟ ମଧ୍ୟ ଭାରତରୁ ବିଦେଶକୁ ରପ୍ତାନି ହେଉଥିଲା । କାଠ ଖୋଦେଇ ମୂର୍ତ୍ତି, ଧାତବ ସାମଗ୍ରୀ, ଟେରାକୋଟା, କାର୍ପେଟ ଏବଂ ହାତ ତିଆରି ଅଳଙ୍କାର ଆନ୍ତର୍ଜାତିକ ବଜାରରେ ଭାରତର ପରିଚୟ ସୃଷ୍ଟି କରିପାରିଥିଲା । ଇଲୋକ୍ଟ୍ରୋନିକ୍ସ ପଣ୍ୟ ଏବଂ ବୈଦ୍ୟୁତିକ ସଂରଞ୍ଜାମ, ମୋବାଇଲ୍ ଯନ୍ତ୍ରାଂଶ, ଟ୍ରାନ୍ସଫରମର, କେବୁଲ, ବ୍ୟାଟେରୀ ଇତ୍ୟାଦି ଚାଇନାରୁ କିଣି ଭାରତ ଚଢ଼ା ଦରରେ ମଧ୍ୟପ୍ରାଚ୍ୟରେ ବିକ୍ରି କରିବାର ନଜିର ରହିଛି । ସାମୁଦ୍ରିକ ଖାଦ୍ୟ ଯଥା, ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ଏବଂ ଅନ୍ୟାନ୍ୟ ସାମୁଦ୍ରିକ ଖାଦ୍ୟ ମଧ୍ୟ ପାରସ୍ୟ (ଇରାନ) ବଜାରରେ ଯଥେଷ୍ଟ ସ୍ୱୀକୃତି ଲାଭ କରିଥିଲା । ଏହା ଛଡ଼ା ଅଟୋ ମୋବାଇଲ୍ ଏବଂ ଅଟୋକମ୍ପୋନେଟ୍, ସିମେଣ୍ଟ, ସେରାମିକ୍ ସାମଗ୍ରୀ, କାଗଜ ଓ କାଗଜଜାତ ଦ୍ରବ୍ୟ, ପ୍ଲାଷ୍ଟିକ ସାମଗ୍ରୀ ଏବଂ ଖେଳଣା ଶିଳ୍ପର ସାମଗ୍ରୀ ମଧ୍ୟ ବାହାରିନ, କାତାର, ଇରାକ, ଇରାନ, ଓମାନ, ଆରବ ଅମିରାତରେ ସ୍ୱତନ୍ତ୍ର ବଜାର ସୃଷ୍ଟି କରିପାରୁଛି । ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ଭାରତର ରପ୍ତାନି ପଣ୍ୟର ବୈଚିତ୍ର ଅତ୍ୟନ୍ତ ସମୃଦ୍ଧ । ଆରବ ସାଗର ବାଟ ଦେଇ ଏହା ସହିତ ସଂଯୁକ୍ତ ହର୍ମୁଜ ପ୍ରଣାଳି ଏହି ପଣ୍ୟ ଦ୍ରବ୍ୟଗୁଡ଼ିକୁ ଆନ୍ତର୍ଜାତିକ ବଜାରରେ ପହଞ୍ଚାଇ ଦେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଆସିଛି ।

୨୦୧୪ ପରଠାରୁ ଭାରତର ଚା, କଫି, ମସଲା ହର୍ମୁଜ ପ୍ରଣାଳୀ ଦେଇ ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶକୁ ରପ୍ତାନି ହେଉଛି । ଏଥିରୁ ଜଣାପଡୁଛି ହର୍ମୁଜ ପ୍ରଣାଳୀ ଭାରତର ଅର୍ଥନୀତିର ବିକାଶ କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି ।

ବର୍ତ୍ତମାନ ସମୟରେ ଯୁକ୍ତରାଷ୍ଟ୍ର ଆମେରିକା -ଇସ୍ରାଏଲ ଓ ଇରାନ ମଧ୍ୟରେ ଭୟଙ୍କର ଯୁଦ୍ଧ ପରିପ୍ରେକ୍ଷୀରେ ବଡ଼ ବଡ଼ ଶିପିଙ୍ଗ କମ୍ପାନୀ ନିରାପତ୍ତା କାରଣରୁ ଜାହାଜ ଚଳାଚଳ ସାମୟିକ ସମୟ ପାଇଁ ସ୍ଥଗିତ ରଖିଛନ୍ତି । ଧ୍ୟାନ ଦେବା ଉଚିତ ଯେ, ହର୍ମୁଜ ପ୍ରଣାଳୀ ଆଞ୍ଚଳିକ ଯୋଗାଯୋଗର ପଥ ନୁହେଁ, ବରଂ ଏହା ବୈଶ୍ୱିକ ସ୍ଥିତିଶୀଳତାର ଏକ ଅନ୍ୟତମ କେନ୍ଦ୍ରବିନ୍ଦୁ । ଆନ୍ତର୍ଜାତିକ ରାଜନୀତି, ବୈଶ୍ୱିକ ଜୀବାଶ୍ମ ଇନ୍ଧନ ତୈଳ ଅର୍ଥନୀତି ଏବଂ ସମୁଦ୍ର ବିଜ୍ଞାନ - ଏହି ତିନୋଟି ବିଷୟ ଏଠାରେ ଓତପ୍ରୋତ ଭାବରେ ଜଡ଼ିତ । ଏହି ପ୍ରଣାଳୀ ଦେଇ ଜୀବାଶ୍ମ ତୈଳର ଟ୍ୟାଙ୍କର ନିର୍ବିଘ୍ନରେ ଚଳାଚଳ କରିପାରିଲେ ପୃଥିବୀରେ ତେଲ ବଜାର ସ୍ଥିତିଶୀଳ ରହିପାରିବ । ପୁନଶ୍ଚ ସମୁଦ୍ର ସ୍ରୋତ ଏଠାରେ ଦୁଇ ଭାଗ ହୋଇ ଦୁଇଟି ସ୍ତରରେ ବିଭକ୍ତ ହୋଇ ଲବଣ ଓ ମଧୁର ଜଳର ଯେଉଁ ଅଦ୍ଭୁତ ଜୈବ ବିବିଧତା ସୃଷ୍ଟି କରିବ, ତା' ଫଳରେ ମଝିରେ ମଝିରେ ଏଇଠି ଶୈବାଳର ଚମତ୍କାର ସବୁଜ ବିସ୍ଫୋରଣ ମାନବୀୟ ହୃଦୟକୁ ଆନ୍ଦୋଳିତ କରିବ । ଅବଶେଷରେ ଏତିକି କୁହାଯାଇପାରେ; ଏହି ସଂକୀର୍ଣ୍ଣ ଜଳପଥ କେବଳ ବାଣିଜ୍ୟର ପଥ ନୁହେଁ, ଏହା ବିଶ୍ୱ ମାନବତାର ବି ଅଗ୍ନି ପରୀକ୍ଷା । ଯୁଦ୍ଧର ଏହି ଘନ ଘୋର ପରିସ୍ଥିତିରେ ପୃଥିବୀର ପ୍ରତ୍ୟେକ ମନୁଷ୍ୟକୁ ମନେ ରଖିବାକୁ ହେବ-ସଂଘର୍ଷ ଧ୍ୱଂସକୁ ଡାକିଆଣେ, କିନ୍ତୁ ସହମର୍ମିତା ଭବିଷ୍ୟତ ଗଢ଼ି ତୋଳେ । ଆଜି ଆମ୍ଭମାନଙ୍କର ପ୍ରୟୋଜନ ଶକ୍ତିର ନୁହେଁ, ପ୍ରଜ୍ଞାର; ବିଭେଦର ନୁହେଁ ଐକ୍ୟର । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଆସନ୍ତୁନା ବିଶ୍ୱଭାତୃତ୍ୱ ନାଁରେ ତିଳତର୍ପଣ କରିବା, ଆମେ ସଭିଏଁ ଶାନ୍ତି ପକ୍ଷରେ ଠିଆହୋଇ ଯୁଦ୍ଧକୁ ବିରୋଧ କରିବା - କାରଣ ମାନବତାର ଜୟ ହିଁ ଆମ ସଭିଙ୍କର ସତ୍ୟକାରର ବିଜୟ । ■

ଖାନନଗର, କଟକ
ମୋ: ୮୫୯୯୮୯୪୯୧୫



# ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ



ଡକ୍ଟର ସୌମ୍ୟ ରଞ୍ଜନ ସାହୁ



ସମୟାନ୍ତରରେ ବିଭିନ୍ନ ନାମରେ ନାମିତ ତଥା ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଆମ ପ୍ରଦେଶ ଅତୀତରେ ଭାରତର ନୌବାଣିଜ୍ୟ କାର୍ଯ୍ୟକଳାପର ଏକ ଶୀର୍ଷ ସ୍ଥାନ ଅଧିକାର କରିଥିଲା, ଏଥିରେ ଦ୍ୱିମତ ନାହିଁ । ବର୍ତ୍ତମାନର ଓଡ଼ିଶାର ଉପକୂଳ ରେଖା ୪୮୨ କିମି (ବାଲେଶ୍ୱର , ଭଦ୍ରକ , କେନ୍ଦ୍ରାପଡ଼ା , ଜଗତସିଂପୁର , ପୁରୀ ଏବଂ ଗଞ୍ଜାମ ଜିଲ୍ଲା ଅନ୍ତର୍ଭୁକ୍ତ) ଲମ୍ବ ହେଲେ ମଧ୍ୟ ଆଭ୍ୟନ୍ତରୀଣ ଓଡ଼ିଶା ବିଭିନ୍ନ ନଦନଦୀ ଓ ଜଳାଶୟରେ ପରିପୂର୍ଣ୍ଣ । ତେଣୁ ଜଳମାର୍ଗରେ ବିଶେଷ କାରବାର ହେବାର ଅନୁମାନ କରାଯାଇପାରେ । ପ୍ରାଚୀନ କାଳରେ ଏହା ଉତ୍କୃଷ୍ଟ ବନ୍ଦର ଏବଂ ପୋତାଶ୍ରୟରେ ପରିପୂର୍ଣ୍ଣ ଥିଲା । ଯଦିଓ ଓଡ଼ିଶା ନିଜର ସାମୁଦ୍ରିକ ପରମ୍ପରା ଐତିହାସିକ ଯୁଗରେ ଅଧିକ ସମୃଦ୍ଧ ତଥା ଗରିମାମୟ କରି ପାରିଥିଲା, ତଥାପି ଏହି ଐତିହ୍ୟ ସମ୍ପନ୍ନ ପରମ୍ପରା ତାହାର ବହୁ ପୂର୍ବରୁ ସଂଗଠିତ ହୋଇ ସାରିଥିଲା । ସୁଆବରେଇଠାରୁ ପ୍ରାପ୍ତ ତାମ୍ର କାଂସ୍ୟ ଯୁଗର ଶାର୍କ ମାଛର ଦାନ୍ତ (ଯାହା କେବଳ ଗଭୀର ସମୁଦ୍ରରେ ପ୍ରାପ୍ତ ହୁଏ)ରୁ ଏହା ସହଜରେ ଅନୁମେୟ ଯେ, ପ୍ରାଚୀନ କାଳରେ ଓଡ଼ିଆ ଲୋକମାନେ ସମୁଦ୍ର ଯାତ୍ରାରେ ନିଜକୁ ନିୟୋଜିତ କରି ନିଜର ସାହସିକତାର ପରିଚୟ ପ୍ରଦାନ କରିଛନ୍ତି । ବୌଦ୍ଧ ସାହିତ୍ୟରେ ଉଲ୍ଲେଖ ଅଛି ଯେ ପ୍ରାଚୀନ ଭାରତରେ, ବିଶେଷକରି ପୂର୍ବ ଅଞ୍ଚଳର ଲୋକମାନେ ନୌବାଣିଜ୍ୟ କାର୍ଯ୍ୟକଳାପରେ ଆଗ୍ରହୀ ଥିଲେ, ବୁଦ୍ଧଙ୍କ ସମୟରେ ପକ୍ଷୀ (କାକ) ଦେଖି ଛଅ ମାସ ଧରି ସମୁଦ୍ରରେ ନିରନ୍ତର ଜାହାଜ ଯାତ୍ରା କରୁଥିଲେ । ଥେରଗାଥାରେ ଧନ ଅର୍ଜନର ଆଶାରେ ସମୁଦ୍ରରେ ଯାତ୍ରା କରୁଥିବା ବ୍ୟବସାୟୀମାନଙ୍କ ବିଷୟରେ କୁହାଯାଇଛି । ବାରାଣସୀ, ବିଦେହ ଏବଂ ଚମ୍ପା (ଭାଗଲପୁର)ର ନାବିକମାନେ ପ୍ରାଚୀନ ଓଡ଼ିଶା ବନ୍ଦର ଦେଇ ସୁବର୍ଣ୍ଣଦ୍ୱୀପ ଏବଂ ତମ୍ବାପର୍ଣ୍ଣୀ ଭଳି ବିଦେଶୀ ଦେଶକୁ ଯାତ୍ରା କରୁଥିଲେ । ଅନ୍ୟ ଏକ ଶାସ୍ତ୍ର ମହାନିଦ୍ଦେଶ ଆମକୁ କୁହେ ଯେ ପୂର୍ବରେ ଭାରତର ବାଣିଜ୍ୟ ସୁବର୍ଣ୍ଣଭୂମି, ଭେସୁଙ୍ଗା, ଭେରାପଥ, ତକ୍କୋଲା, ତାମାଲି, ତମ୍ବାପର୍ଣ୍ଣୀ ଏବଂ ଜାଭା ସହିତ ଥିଲା । ଏହି ସ୍ଥାନଗୁଡ଼ିକ ମଧ୍ୟରୁ ପ୍ରଥମ ଦୁଇଟିକୁ ଆରାକାନ୍ ଉପକୂଳ ଏବଂ ନିମ୍ନ ବର୍ମା ସହିତ ଚିହ୍ନଟ କରାଯାଇପାରିବ । ତାମାଲିକୁ ସିଲଭେନ୍ ଲେଭି ଦ୍ୱାରା ମାଳୟ ଉପଦ୍ୱୀପର ତାମ୍ରଲିଙ୍ଗ ସହିତ ଚିହ୍ନଟ କରାଯାଇଛି । ଜାତକ ଗଳ୍ପଗୁଡ଼ିକ ପୂର୍ବ ସମୁଦ୍ର ବନ୍ଦର ଚମ୍ପା ଏବଂ ତାମ୍ରଲିପ୍ତିର ଉଲ୍ଲେଖ କରନ୍ତି, ଯେଉଁଠାରୁ ବ୍ୟବସାୟୀମାନେ ଲଙ୍କା ଏବଂ ସୁବର୍ଣ୍ଣଭୂମି (ନିମ୍ନବର୍ମା ଏବଂ ମଲାକ୍କା)କୁ ଜାହାଜରେ ଯାତ୍ରା କରୁଥିଲେ ।

## ଓଡ଼ିଶାର ପ୍ରାଚୀନ ବନ୍ଦର

ଓଡ଼ିଶାର ନୌବାଣିଜ୍ୟ ଏବଂ ନୌବହନ କାର୍ଯ୍ୟକଳାପର ଇତିହାସ ଋଗ୍ ବେଦର ପ୍ରାରମ୍ଭିକ ସମୟରୁ ଆରମ୍ଭ ହୋଇଛି । ଓଡ଼ିଆମାନେ ନୌଚାଳନା କଳା ବିଷୟରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିଥିଲେ ଏବଂ ସେମାନେ କେବଳ ଅନ୍ତର୍ଦେଶୀୟ ନଦୀଗୁଡ଼ିକରେ ନୁହେଁ, ବରଂ ସମୁଦ୍ରରେ ମଧ୍ୟ ସେମାନଙ୍କର ଡଙ୍ଗା ଚଲାଇଥିଲେ । ଉପକୂଳ ରେଖା ସହିତ ତାମ୍ରଲିପ୍ତି (ତାମଲୁକ୍), ଆଦମୁସ୍ (ସୁବର୍ଣ୍ଣରେଖା), କୋସାମ୍ବିଆ (ବାଲେଶ୍ୱର), ଦୋସାରେନ୍ (ଧାମରା), ମାନଦା (ମହାନଦୀ), ପାକୁରା (ପାଲୁର-ରିସିକୁଲ୍ୟା), କୋନାର୍ଗ (କୋଣାର୍କ), ନାନିଗାଇନ (ପୁରୀ), କାକଦରମ୍ (କଟକ) କଳିଙ୍ଗନଗର (ବଂଶଧାରା), ଦନ୍ତପୁରମ୍ ଭଳି ବନ୍ଦର ଏବଂ ପୋତାଶ୍ରୟ ଥିଲା । ପ୍ରାରମ୍ଭିକ ଅତୀତରେ ନୌବାହିନୀ କାର୍ଯ୍ୟକଳାପର ନିର୍ଭରଯୋଗ୍ୟ ସୂଚନା ପାଇବା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ସତର୍କତାର ସହ ପରୀକ୍ଷା କରିବାକୁ ପଡ଼ିବ ।

ବୈଦିକ ଏବଂ ପୁରାଣ ସମୟରେ ସାମରିକ ଉଦ୍ଦେଶ୍ୟ ପାଇଁ ଡଙ୍ଗା ଏବଂ ଜାହାଜ ବ୍ୟବହାର କରିବାର କଳା ଜଣାଶୁଣା ଥିଲା । ପ୍ରାଚୀନ କାଳରେ ତାମ୍ରଲିପ୍ତିରୁ ଓଡ଼ିଶା ବନ୍ଦର ଦେଇ ତାମ୍ରପନ୍ନି (ଶ୍ରୀଲଙ୍କା) ପର୍ଯ୍ୟନ୍ତ ନିୟମିତ ସମୁଦ୍ର ଯାତ୍ରା ହେଉଥିଲା । ସାମୁଦ୍ରିକ ବନ୍ଦରରୁ ଓଡ଼ିଶାର ଆଭ୍ୟନ୍ତରୀଣ ନଦୀ ବନ୍ଦରଗୁଡ଼ିକ ନିୟମିତ ବାଣିଜ୍ୟ ଯାତାୟାତ ଦ୍ୱାରା ସଂଯୁକ୍ତ ଥିଲା । ରୋମ ସାମ୍ରାଜ୍ୟ ସହିତ ବାଣିଜ୍ୟ ଡଙ୍ଗା ଦ୍ୱାରା ଦୟା-ଭାର୍ଗବୀ-କୁଆଖିଆ-ପ୍ରାଚୀ ନଦୀ ମାର୍ଗ ଦେଇ ଓଡ଼ିଶାର କିଛି ପୁରୁଣା ସମୁଦ୍ର ବନ୍ଦର ଯେପରିକି ଟଲେମିଙ୍କ କୋନାର୍ଗ (କୋଣାର୍କ) କିମ୍ବା ହୁଏନ୍- ସାଙ୍ଗଙ୍କ ଚରିତ୍ରପୁର (ଚେ-ଲି-ତା-ଲୋ) ପର୍ଯ୍ୟନ୍ତ ପରିବହନ କରାଯାଉଥିଲା । ମାଣିକପାଟଣାରୁ ମଧ୍ୟ କିଛି ଚୀନ୍ ଏବଂ କୁଶାଣ ମୁଦ୍ରା ମିଳିଛି । ଗ୍ରୀକ୍ ନାବିକ ଟଲେମି (ଖ୍ରୀଷ୍ଟାବ୍ଦ ଦ୍ୱିତୀୟ ଶତାବ୍ଦୀ)ଙ୍କ ଦ୍ୱାରା ବର୍ଣ୍ଣିତ ଏକ ବନ୍ଦରକୁ ପାଲୁର ଭାବରେ ଚିହ୍ନଟ କରାଯାଏ । ଏହି ବନ୍ଦର ଭାରତ ଏବଂ ଦକ୍ଷିଣ-ପୂର୍ବ-ଏସିଆ ମଧ୍ୟରେ ବାଣିଜ୍ୟ ମାର୍ଗରେ ପ୍ରମୁଖ ସ୍ଥାନ ଅଧିକାର କରିଥିଲା । ଟଲେମି ଏହି ବନ୍ଦରରୁ ଏକ ଜାହାଜ ଯୋଗେ ମାଳୟ ଯାତ୍ରା କରିଥିଲେ । ଖ୍ରୀଷ୍ଟିଆନ ଯୁଗର ପ୍ରାରମ୍ଭିକ ଶତାବ୍ଦୀରେ, କଳିଙ୍ଗ ଉପକୂଳରେ ଛଅଟି ବନ୍ଦର ଥିଲା । ଯଥା ତାମ୍ରଲିପ୍ତି (ତାମୁଲକ୍), କୋସାମ୍ବିକା (ବାଲେଶ୍ୱର), ଚରିତ୍ରପୁର (ଛେ-ଲି-ତା-ଲୋ), କନ୍ନଗର (କୋଣାର୍କ), ପାଲୋର (ପାଲୁର) ଏବଂ କଳିଙ୍ଗପଟନମ୍ । ଏହି ବନ୍ଦର ସହରଗୁଡ଼ିକ ମଧ୍ୟରୁ ଟଲେମି ପାଲୋରକୁ ପୂର୍ବ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ବନ୍ଦର ସହର ଭାବରେ ଉଲ୍ଲେଖ କରିଛନ୍ତି, ଯାହା ସାଧାରଣତଃ ଓଡ଼ିଶାର ଗଞ୍ଜାମ ଜିଲ୍ଲାର ବର୍ତ୍ତମାନର ପାଲୁର ଗ୍ରାମ ସହିତ ସମାନ । ପାଲୁର ଏବଂ ଏହାର ଆଖପାଖରେ ସମ୍ପ୍ରତି ସର୍ଭେ ଏବଂ ତଦନ୍ତ କରାଯାଇଥିଲା ।

ଯାହା ଫଳରେ ପାଲୁର ଏବଂ ଘଣ୍ଟାଶିଳା କିମ୍ବା ରମ୍ଭା ଭଳି ପୁରାତନ ବନ୍ଦରର ଚିହ୍ନଟ ହୋଇଥିଲା, ଯାହା ଚିଲିକା ହ୍ରଦର ଦକ୍ଷିଣ ଦିଗବଳୟରେ ଏବଂ ଋଷିକୁଲ୍ୟା ମୁହାଣର ଉତ୍ତରରେ ଅବସ୍ଥିତ । ସର୍ଭେରୁ ଚମକୁଥିବା କଳା ଏବଂ ଲାଲ ପାତ୍ର, ଚିକ୍କଣ ଲୋହିତ ପାତ୍ର, ଚିକ୍କଣ କୃଷ୍ଣପାତ୍ର, ସୁମାତ୍ରା ଏବଂ ଭିଏତନାମର ମାଟି ପାତ୍ର ସହିତ ଗ୍ଲେଜଡ୍ କଳା ପାତ୍ର ଏବଂ ଚୀନୀ ସେଲାଡନ୍ ଏବଂ ପୋର୍ସେଲିନା ମଧ୍ୟ ମିଳିଥିଲା, ଯାହା ଖ୍ରୀଷ୍ଟିଆନ ଯୁଗର ପ୍ରାରମ୍ଭିକ ଶତାବ୍ଦୀରୁ ମଧ୍ୟଯୁଗୀୟ ସମୟ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ପୁରାତନ ତଥ୍ୟରୁ ଏହା ସ୍ପଷ୍ଟ ଯେ, ଏହା ପ୍ରାଚୀନ ସମୟରେ ଚୀନ୍, ସୁମାତ୍ରା, ଭିଏତନାମ ଏବଂ ଅନ୍ୟାନ୍ୟ ଦକ୍ଷିଣ-ପୂର୍ବ ଦେଶଗୁଡ଼ିକ ସହିତ ଦ୍ରୁତ ବାଣିଜ୍ୟ ପାଇଁ ଏକ ଆନ୍ତର୍ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ବନ୍ଦର ଥିଲା । ପ୍ରତ୍ନତତ୍ତ୍ୱ ଏବଂ ସଂଗ୍ରହାଳୟ ବିଭାଗ ଆନ୍ଧ୍ର ପ୍ରଦେଶ ସରକାର ପୂର୍ବତନ ପାରାଳାଖେମିଡ଼ି (ବର୍ତ୍ତମାନ ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲା) ରାଜ୍ୟର ଦନ୍ତା-ବକ୍ତ୍ରନିକୋଟା ଏବଂ ଏହାର ଆଖପାଖରେ ଖନନ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ଏହି ସ୍ଥାନକୁ କଳିଙ୍ଗର ପ୍ରାଚୀନ ରାଜଧାନୀ ଦନ୍ତପୁର ଭାବରେ ଚିହ୍ନଟ କରିଥିଲେ । କେବଳ ଭାରତର ପୂର୍ବ ଏବଂ ପଶ୍ଚିମ ଉପକୂଳ ସହିତ ନୁହେଁ, ବରଂ ଷଷ୍ଠ ଶତାବ୍ଦୀ ଖ୍ରୀଷ୍ଟପୂର୍ବ ପୂର୍ବରୁ ଚୀନ୍ ଏବଂ ପାରସ୍ୟ ଭଳି ଦେଶ ସହିତ ଦ୍ରୁତ ବାଣିଜ୍ୟ ସମ୍ପର୍କ ରଖିଥିଲା । ଅଶୋକଙ୍କ ତ୍ରୟୋଦଶତମ ପ୍ରସ୍ତର ଶିଳାଲେଖ ଆଦେଶରୁ ଜଣାପଡ଼ିଛି ଯେ, ସମ୍ରାଟ କେବଳ ତାମ୍ବପର୍ଣ୍ଣୀ (ସିଲୋନ) ସହିତ ନୁହେଁ ବରଂ ସିରିଆ, ମିଶର, ସାଇରେନ୍, ମେସେଡୋନିଆ ଆଦି ରାଜତନ୍ତ୍ର ସହିତ କୂଟନୈତିକ ସମ୍ପର୍କ ବଜାୟ ରଖିଥିଲେ । ଚନ୍ଦ୍ରଗୁପ୍ତଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ମୌର୍ଯ୍ୟ ନୌସେନା ସମ୍ଭବତଃ ଅଶୋକଙ୍କ ରାଜତ୍ୱର ଶେଷ ପର୍ଯ୍ୟନ୍ତ ଜାରି ରହିଥିଲା । କାମୌଲି ଅନୁଦାନ ଗଙ୍ଗା ମୁହାଣ ନିକଟରେ ଦକ୍ଷିଣ ବଙ୍ଗରେ ନୌସେନା ବିଜୟ ପାଇଁ କୁମାରପାଳ (୧୦୯୭ ଖ୍ରୀଷ୍ଟାବ୍ଦ)ଙ୍କ ମନ୍ତ୍ରୀ ବୈଦ୍ୟଦେବଙ୍କୁ ଶ୍ରେୟ ଦିଏ ।







## ମନ୍ଦିର ସ୍ଥାପତ୍ୟରେ ନୌବାଣିଜ୍ୟର ଚିତ୍ର

ମନ୍ଦିର ସ୍ଥାପତ୍ୟରେ ଅନେକ ପଥର ପ୍ୟାନେଲରୁ ହାତୀ ବହନ କରୁଥିବା ଜାହାଜର ଚିତ୍ର, ଯାହା ବିଦେଶକୁ ବହୁ ପରିମାଣରେ ରପ୍ତାନି ହୋଇଥିଲା, ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ କାର୍ଯ୍ୟକଳାପକୁ ଦର୍ଶାଏ । ପୁରୀର ଜଗନ୍ନାଥ ମନ୍ଦିରର କାନ୍ଥରେ ଏପରି ଜାହାଜର ଏକ ମୂର୍ତ୍ତି ପ୍ୟାନେଲ ଦେଖାଯାଇପାରେ । କୋଣାର୍କ ମନ୍ଦିରରେ ଅନ୍ୟ ଏକ ପ୍ୟାନେଲ ମନ୍ଦିର କଳାରେ ଏକ ଜାହାଜରେ ବୁହାଯାଉଥିବା ଏକ ଭ୍ରମଣକାରୀ ଜିରାଫକୁ ଚିତ୍ରିତ କରେ ଯାହା ଏହି ପରିକଳ୍ପନାକୁ ସମର୍ଥନ କରେ । ସେହିପରି ସିଂହନାଥ ମନ୍ଦିରରେ ଉତ୍କୀର୍ଣ୍ଣ ହୋଇଥିବା ବିଦେଶାଗତ ବଣିକ ସମୂହ, ବ୍ରହ୍ମେଶ୍ୱର ମନ୍ଦିର ବେଢ଼ାରେ ଥିବା ନଉକା ଉପରେ ଲକ୍ଷ୍ମୀଙ୍କର ପ୍ରତିମୂର୍ତ୍ତି ଇତ୍ୟାଦି ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ ।



## ସାଂସ୍କୃତିକ ଭାବ ବିନିମୟ

ସାଂସ୍କୃତିକ ଉତ୍ସବ ଏବଂ ରୀତିନୀତି ପ୍ରାଚୀନ କାଳରେ ଦକ୍ଷିଣ-ପୂର୍ବ-ଏସିଆ ଭାରତୀୟ ସଂସ୍କୃତିର ପ୍ରଭାବରେ ରହିଥିଲା । ବୈଶ୍ୟଙ୍କୁ ସାଧବ କୁହାଯାଏ , ଓଡ଼ିଶାର ଏକ ବାଣିଜ୍ୟ ସମ୍ପ୍ରଦାୟକୁ ଅନ୍ୟ ଜାତି ସହିତ ଦକ୍ଷିଣ-ପୂର୍ବ-ଏସିଆରେ ଉପନିବେଶ କରିବାରେ ଶ୍ରେୟ ଦିଆଯାଇଥିଲା । ବାଣିଜ୍ୟ ଅନ୍ୟ ଜାତି ସହିତ ପ୍ରାରମ୍ଭିକ ସମ୍ପର୍କର ପ୍ରେରଣାଦାୟକ ଶକ୍ତି ଥିଲା । ଏହା ବସତି ସୃଷ୍ଟି କଲା, ଯାହା ଧୀରେ ଧୀରେ ଉପନିବେଶରେ ବିକଶିତ ହେଲା । ଭାରତୀୟ ଉପନିବେଶଗୁଡ଼ିକ କାମ୍ବୋଡିଆ, ଚମ୍ପା, ମାଳୟ ଉପଦ୍ୱୀପ, ସୁମାତ୍ରା , ଜାଭା, ବାଲି, ବର୍ମା ଏବଂ ଥାଇ ରାଜ୍ୟ ଭଳି ରାଜ୍ୟରେ ବଢ଼ିଥିଲା । ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟର ଦିନଗୁଡ଼ିକୁ ମନେ ରଖିବା ପାଇଁ ଉପକୂଳ ଓଡ଼ିଶାରେ ବାଲି ଯାତ୍ରା, ଡଅପୋଇ ମୂର୍ତ୍ତି ପୂଜା କରାଯାଏ । କାର୍ତ୍ତିକ ମାସରେ ବାଣିଜ୍ୟ ପବନ ଅନୁକୂଳ ଥାଏ, ତେଣୁ ଶିବ ମନ୍ଦିର ନିକଟରେ କିମ୍ବା ତୁଳସୀ ଗଛ ସମ୍ମୁଖରେ ସମୁଦ୍ର ଯାତ୍ରା ପାଇଁ ଆଲୋକ ଗୃହର ପ୍ରତୀକ ଭାବରେ ଓଡ଼ିଶାର ଲୋକମାନେ ବାଉଁଶର ଉଚ୍ଚ ସ୍ତମ୍ଭ ଉପରେ ଆକାଶଦୀପ ଜଳାନ୍ତି । ଉତ୍ତର-ପୂର୍ବ ପବନର ପ୍ରବଳ ପ୍ରଭାବ ଜାହାଜଗୁଡ଼ିକୁ ଦ୍ରୁତ ଗତିରେ ନେଇ ଲଙ୍କାରେ ପହଞ୍ଚୁଥିଲା, ଯେଉଁଠାରେ ସେମାନଙ୍କର ପାଲ ଉତ୍ତର-ପଶ୍ଚିମ ବାଣିଜ୍ୟ ପବନ ସହିତ ଫିଟ୍ ହୋଇ ସୁବର୍ଣ୍ଣଦ୍ୱୀପକୁ ନେଇ ଯାଉଥିଲା ।

ଚୀନ୍ ପରିବ୍ରାଜକ ହୁଏନ ସାଙ୍ଗ ଉଚ (ଉତ୍କଳ)ର ପରିଦର୍ଶନ କରିବା ସମୟରେ ଦେଶର ଦକ୍ଷିଣ-ପୂର୍ବ ସୀମାରେ ରାଜଧାନୀ (ଯାଜପୁର) ଅବସ୍ଥାପିତ ବୋଲି ବର୍ଣ୍ଣନା କରିଛନ୍ତି । ଏହାଠାରୁ ସମୁଦ୍ର ସୀମାରେ ପ୍ରାୟ ୨୦ ଲି ଦୂରରେ ଚରିତ୍ର ସହର (ଚେ-ଲି-ତା-ଲୋ) ଅଛି । ଏଠାରେ ବ୍ୟବସାୟୀମାନେ ଦୂର ଦେଶକୁ ଯାଆନ୍ତି ଏବଂ ଅପରିଚିତ ଲୋକମାନେ ଆସି ସେଠାରେ ଅଟକି ଯାଆନ୍ତି । ଦକ୍ଷିଣରେ ୨୦,୦୦୦ ଲି କିମ୍ବା ତା'ଠାରୁ ଆଗକୁ ଯାଇ ସିଂହଳ ଦେଶ ( ସେଙ୍ଗ-କିଆ-ଲୋ) ଅଛି । ଏହି ସ୍ଥାନରୁ ଦକ୍ଷିଣ-ପଶ୍ଚିମ ଦିଗରେ ପ୍ରାୟ ୧୨୦୦ ଲି ଦୂରରେ ବଡ଼ ଜଙ୍ଗଲ ଦେଇ ଆମେ କଙ୍ଗ-ଉ-ଟୋ ( କାଙ୍ଗୋଦ ) ରାଜ୍ୟକୁ ଆସୁ । ଯଦିଓ ଚରିତ୍ରପୁର ଏକ ପ୍ରସିଦ୍ଧ ବନ୍ଦର ଥିଲା, ମାତ୍ର ତାହାକୁ ଆଜି ପର୍ଯ୍ୟନ୍ତ ସଠିକ୍ ଭାବରେ ଚିହ୍ନଟ କରାଯାଇ ପାରିନାହିଁ । ସମ୍ଭବତଃ ସାମୁଦ୍ରିକ ବିଲୟର ସମ୍ମୁଖୀନ ହୋଇ ସେ ବନ୍ଦର ଅଧୁନା ଅଗୋଚର । ଏହି ପରିସ୍ଥିତିରେ କଳିଙ୍ଗପଟନମ୍, ପାଲୁର, ମାଣିକପାଟଣା, କନ୍ନଗର (କୋଣାର୍କ), କୋସାମ୍ବିକା (ବାଲେଶ୍ୱର), ତାମ୍ରଲିପ୍ତି (ତାମ୍ଲୁକ୍) ଭଳି ଅନେକ ପ୍ରାଚୀନ ବନ୍ଦରକୁ ପରିତ୍ୟକ୍ତ ଘୋଷଣା କରାଯାଇଥିଲା । ଉପରୋକ୍ତ କାରଣ ଯୋଗୁଁ ବନ୍ଦର ସହରରୁ ସମୁଦ୍ର ଉପକୂଳ ଦୂରକୁ ଚାଲିଯାଏ କିମ୍ବା ଦ୍ୱାରକା ଏବଂ ଚେ-ଲି-ତା-ଲୋ ପରି ସ୍ଥଳ କିମ୍ବା ସମୁଦ୍ରରେ ପରିବର୍ତ୍ତନ ଯୋଗୁଁ ବନ୍ଦର ସହର ସମୁଦ୍ରରେ ବୁଡ଼ିଯାଇପାରେ ।



ପ୍ରାଚୀନ କାଳରେ ଓଡ଼ିଆମାନଙ୍କ ମଧ୍ୟରେ ଉଦ୍ୟୋଗ ଏବଂ ସାହସିକତାର ମନୋଭାବ ଉଲ୍ଲେଖନୀୟ ଥିଲା । ଯେଉଁମାନେ ଦକ୍ଷିଣ ପୂର୍ବ ଏସିଆ ଏବଂ ଲଙ୍କାର ଦୂର ଦେଶରେ ଉପନିବେଶ ପ୍ରତିଷ୍ଠା କରିବାର ମହତ୍ତ୍ୱାକାଂକ୍ଷାକୁ ଆଦରି ନେଇଥିଲେ । ସାମ୍ପ୍ରତିକ ଅତୀତରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ମିଳିଥିବା ରୋମାନ ମୁଦ୍ରା ଏବଂ କୁଶାଣ ମୁଦ୍ରା ଏବଂ କାରୁକାର୍ଯ୍ୟମୟ ଚିନି ପାତ୍ର ପରି ଖନନ ସାମଗ୍ରୀରୁ ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ପ୍ରମାଣିତ ହୁଏ । ପୁରୀ ଜିଲ୍ଲାର ମାଣିକପାଟଣା ଏବଂ ଖାଲକାଟାପାଟଣା, ଗଞ୍ଜାମ, ବାଲେଶ୍ୱରରୁ ଏବଂ କଟକ ସହରର ବାରବାଟୀ ଦୁର୍ଗରୁ ପ୍ରାପ୍ତ ହୋଇଥିବା ଚୀନ୍ ମାଟି କାରୁକାର୍ଯ୍ୟ ଖଣ୍ଡ, ପୂର୍ବ-ପଶ୍ଚିମରେ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ଗୁରୁତ୍ୱକୁ ପ୍ରମାଣିତ କରେ, ବିଶେଷକରି ଚୀନ୍ ସହିତ ବାଣିଜ୍ୟରେ । ଶିଶୁପାଳଗଡ଼ (ଓଡ଼ିଶା), ଦନ୍ତପୁର (ପୂର୍ବ ପାରଳା-ଖେମୁଣ୍ଡି ରାଜ୍ୟ), ଆନ୍ଧ୍ରପ୍ରଦେଶର ଗୋପାଳପଟନମରୁ ମିଳିଥିବା କୃଷ୍ଣ ଚିକ୍କଣ ମୁଠି ପାତ୍ର ((knobbed ware) ସାମଗ୍ରୀକୁ ସୁବିଧାଜନକ ଭାବରେ 'କଳିଙ୍ଗ ସାମଗ୍ରୀ' କୁହାଯାଏ । ଖ୍ରୀଷ୍ଟପୂର୍ବ ପଞ୍ଚମରୁ ଦ୍ୱିତୀୟ ଶତାବ୍ଦୀ ପର୍ଯ୍ୟନ୍ତ ଏହା ପ୍ରାଚୀନ କାଳରୁ ନୌବାଣିଜ୍ୟ ମାଧ୍ୟମରେ ଦକ୍ଷିଣ-ଭାରତ ସହିତ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ସୂଚିତ କରେ ।

ପ୍ରସିଦ୍ଧ ଅର୍ଥଶାସ୍ତ୍ରରେ ଓଡ଼ିଶା ଉପକୂଳରେ ଥିବା ସମୁଦ୍ରର ନାମ କଳିଙ୍ଗ ସାଗର ଭାବରେ ବର୍ଣ୍ଣନା ତଥା ଅଶୋକଙ୍କର ସିଂହଳରୁ ଆସିଥିବା ଉପଢ଼ୌକନକୁ ସମୁଦ୍ର ମଧ୍ୟରେ କଳିଙ୍ଗର ନାଗମାନେ ଅପହରଣ କରିନେବା, ଠିକ୍ ସେହିପରି ଭିଏତ୍-ନାମରୁ ପ୍ରାପ୍ତ ହୋଇଥିବା ଶିଳାଲେଖରୁ ଏହା ଜଣାଯାଏ ଯେ, ପ୍ରଥମ ଶତାବ୍ଦୀରେ କୌଣ୍ଡିନ୍ୟ ନାମକ ବ୍ରାହ୍ମଣ ଯୁବକ ଓଡ଼ିଶାରୁ ଗସ୍ତ କରି ସେଠାରେ ରାଜ୍ୟ ସ୍ଥାପନ କରିବାରେ ସମର୍ଥ ହୋଇପାରିଥିଲେ । ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ ଭିତ୍ତିଭୂମି କେତେ ଉନ୍ନତ ଥିଲା ତାହା ଏଥିରୁ ସହଜରେ ଅନୁମେୟ । ଏପରିକି ମଧ୍ୟଯୁଗରେ କୋଣାର୍କର ଗାତ୍ରରେ ଥିବା ଜିରାଫର ଛବି, ସିଂହନାଥ ମନ୍ଦିର ଗାତ୍ରରେ ଥିବା ବିଦେଶୀ ବଣିକର ପରିପାଟୀ ତଥା ଆଧୁନିକ ସମୟରେ ଫକୀର ମୋହନ ସେନାପତିଙ୍କର ଗୋରାପ (ଜାହାଜ)ରେ ବାଣିଜ୍ୟ, ଇଂରେଜମାନଙ୍କ ଦ୍ୱାରା କଟକର ଯୋବ୍ରାଠାରେ ନିର୍ମିତ ଜେଟି ସମ୍ବନ୍ଧୀୟ ତଥ୍ୟ ଆମର ଓଡ଼ିଆ ନୌବାଣିଜ୍ୟ ପରମ୍ପରାର ଅନନ୍ୟ ଉଦାହରଣ । ■

ଅଧ୍ୟାପକ, ଇତିହାସ ବିଭାଗ
ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟ, ଯାଜପୁର ମୋ: ୯୮୬୧୯୫୯୮୮୪

## ଗାଥା ଓ କିମ୍ବଦନ୍ତୀରେ

# ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା



ଡକ୍ଟର ବାସନ୍ତୀ ମହାନ୍ତି

**ଉତ୍କଳକୁ ବେଢ଼ି ରହିଥିବା ମହାସାଗରକୁ ପ୍ରାଚୀନ କାଳରେ ଉତ୍କଳ ସାଗର କୁହାଯାଉଥିଲା ବୋଲି ମହାଯାନ ବୌଦ୍ଧ ଗ୍ରନ୍ଥରେ ଉଲ୍ଲେଖ ରହିଛି । ଉତ୍କଳର ନୌବାଣିଜ୍ୟ ପରମ୍ପରା ଯେ ପ୍ରାକ୍ ବୌଦ୍ଧକାଳରୁ ରହିଆସିଛି ତାହା ବୌଦ୍ଧ ଜାତକ ଓ ଅନ୍ୟାନ୍ୟ ଗ୍ରନ୍ଥଗୁଡ଼ିକରୁ ସୂଚନା ମିଳେ । ଜାଭା, ବୋର୍ଣ୍ଣିଓ, ସୁମାତ୍ରା, ବାଲି, କୋଚିନ୍, ସିଂହଳ, ଇଣ୍ଡୋନେସିଆ ପ୍ରଭୃତି ସ୍ଥାନରେ ଏବେ ସୁଦ୍ଧା କଳିଙ୍ଗ ପୁଅର ପଦଚିହ୍ନ ରହିଛି । ସେମାନଙ୍କର ଖାଦ୍ୟ, ବସ୍ତ୍ର, କଳା, ସ୍ଥାପତ୍ୟ, ପୂଜା କର୍ମ ଓ ଦେବଦେବୀଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ବିଭିନ୍ନ କାହାଣୀ କିମ୍ବଦନ୍ତୀ, ବ୍ରତ କଥା, ଲୋକକଥାଗୁଡ଼ିକରେ ରହିଛି ।**



### ନୌବାଣିଜ୍ୟର ପେଣ୍ଠସ୍ଥଳ

ଉତ୍କଳର ଉପକୂଳବର୍ତ୍ତୀ ଅଞ୍ଚଳରେ ଛୋଟବଡ଼ ଅନେକ ବନ୍ଦର ଥିଲା । ଏହି ବନ୍ଦରଗୁଡ଼ିକ ଥିଲା ନୌବାଣିଜ୍ୟ ପାଇଁ ପେଣ୍ଠସ୍ଥଳ । ସେଥିମଧ୍ୟରୁ ତାମ୍ରଲିପ୍ତି, ଚେଲିତୋଲ (ତିର୍ତ୍ତୋଲ) ମାଣିକ ପାଟଣା, ହରିହରପୁର, ପାଲୁର, ପିଥୁଣ୍ଡ, ମନସୁର କୋଟା ପିପିଲି, ବାଲେଶ୍ୱର, ଧାମରା, ଚାନ୍ଦବାଲି, ସୁବର୍ଣ୍ଣରେଖା, ପୁରୀ, ଗଞ୍ଜାମ, ସୋନପୁର ବିରୁହା ଆଦି ପ୍ରଧାନ ।

ଓଡ଼ିଶାର ମସଲା, ମୂଲ୍ୟବାନ ପଥର, ହୀରା, ଆସବାବ ପତ୍ର, ହାତୀଦାନ୍ତ, ନଡ଼ିଆ, ଆୟୁର୍ବେଦିକ ଔଷଧ ପତ୍ର ଆଦି ନେଇଯାଇଥିଲେ ଏବଂ ଯେଉଁ ଦ୍ୱୀପରୁ ଯାହା ଭଲ ଭଲ ଜିନିଷ ମିଳୁଥିଲା ତାହା ଧରି ଆସୁଥିଲେ । 'ଖୁଲଣା ସୁନ୍ଦରୀ' ପୁସ୍ତକରେ ବୋଇତରେ ବେପାର ପାଇଁ ନେଇ ଯାଉଥିବା ଦ୍ରବ୍ୟମାନଙ୍କ ସଂପର୍କରେ ଉଲ୍ଲେଖ ରହିଛି । ରାଜା ଧନେଶ୍ୱର ସମୁଦ୍ରରେ ବୋଇତ ମେଲିବା ଆଗରୁ ଶୁଣ୍ଠି, ପିପ୍ପଳି, ପାନ ମହୁରୀ, ଗଙ୍ଗାର କର୍ପୂର, କସ୍ତୁରୀ, ଝୁଣା, ଜାଇଫଳ, ବଡ଼ ଜିରା, ଟାଙ୍ଗଣା, ହେଙ୍ଗୁ, ସଉଁଫ, ଲବଙ୍ଗ, ଜୁଆଣୀ, ଗୁଜୁରାତି, ଅଳେଇଚକୁ ଘେନି ଆସୁଥିଲେ । ନୀଳବଡ଼ି ହରିତାଳ ହିଙ୍ଗୁଳ, ମେଥି, ରସୁଣ, ଜିରା, ମରିଚ, ଖଇର, ଆପୁ ମେନାଗେଶ୍ୱର ତେଜ ପତ୍ର, ମହୁରା ଆଦି ବିଭିନ୍ନ ଦ୍ରବ୍ୟ ଯୋଗାଡ଼ କରୁଥିଲେ । ସେତେବେଳେ ଏସବୁ ଉତ୍କଳରେ ଉପଲବ୍ଧ ଥିଲା, ଫେରିଲା ବେଳକୁ ମଧ୍ୟ ବୋଇତ ଭର୍ତ୍ତି ଧନରତ୍ନ ମଣି ମାଣିକ୍ୟ ଧରି ଆସୁଥିଲେ । ପ୍ରସଙ୍ଗତଃ ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଗନ୍ନାଥଙ୍କର ମସ୍ତକରେ ଏକ ମୂଲ୍ୟବାନ୍ ମଣି ରହିଛି । କିମ୍ବଦନ୍ତୀ କହେ, କଳିଙ୍ଗର ଜଣେ ସାଧବ ସ୍ୱଦେଶକୁ ବାହୁଡୁଥିବା ବେଳେ ଏକ ଦ୍ୱୀପରେ କିଛି ସମୟ ବିଶ୍ରାମ ନେଉଥିବାବେଳେ ଦେଖିଲେ ଏକ ଭୟଙ୍କର ସର୍ପ ତା ମସ୍ତକରୁ ମଣିଟି ବାହାର କରି ରଖି ଚରିବା ପାଇଁ ଗଲା । ସାଧବଙ୍କ ଦୃଷ୍ଟିରେ ଏହି ମଣିଟି ପଡ଼ିବାରୁ ସେ ତାହାକୁ ଅତି ଶୀଘ୍ର ଉଠାଇ ବୋଇତକୁ ଚାଲି ଆସିଲେ । ବୋଇତ ଆଗକୁ ବାହି ଚାଲିଲେ । କିନ୍ତୁ ଅଳ୍ପବାଟ ଯାଇଛନ୍ତି କି ନାହିଁ ସେହି ସର୍ପଟି ବିରାଟକାୟ ଫଣା ଟେକି ଗର୍ଜନ କରି ବୋଇତ ପଛେ ପଛେ ଧାଇଁଲା । ଭୟରେ କାତର ହୋଇ ସାଧବ ଶ୍ରୀଜଗନ୍ନାଥଙ୍କୁ ସୁମରଣା କଲେ । ଯଦି ଏହି ସର୍ପ କବଳରୁ ସେ ମୁକ୍ତି ପାଆନ୍ତି, ତେବେ ସେ ମଣିଟିକୁ ତାଙ୍କୁ ଦେଇ ଦେବେ ବୋଲି ମାନସିକ କରି ଦେଲେ । ସଙ୍ଗେ ସଙ୍ଗେ ସର୍ପଟି ପଛକୁ ଫେରିଗଲା । ସାଧବ ସ୍ୱଦେଶରେ ପହଞ୍ଚି ପ୍ରଥମେ ସେହି ମଣିଟିକୁ ଜଗନ୍ନାଥଙ୍କୁ ସମର୍ପି ସାରି ନିଜ ଘରକୁ ଫେରିଲେ ।



ବାଣିଜ୍ୟେ ବସତି ଲକ୍ଷ୍ମୀ ବୋଲି ଯାହା କୁହାଯାଉଛି ତାହା ଏହି ବୋଇତ ଓ ନୌବାଣିଜ୍ୟକୁ ଲକ୍ଷ୍ୟ କରି ହିଁ କୁହାଯାଇଛି । ତତ୍‌କାଳୀନ ସମାଜରେ ବ୍ୟକ୍ତିର ଆର୍ଥିକ ସ୍ୱଚ୍ଛଳତାକୁ ମାପିବା ପାଇଁ ବୋଇତ ଥିଲା ମାପଦଣ୍ଡ । କେନ୍ଦ୍ରାପଡ଼ା ବଡ଼କୋଠ ଜମିଦାରଙ୍କର ୬୦ ଖଣ୍ଡ ବୋଇତ ଥିଲା ବୋଲି କଥିତ ଅଛି । ତଅପୋଇର ପିତା ତନୟବନ୍ତ ସାଧବର ସାତଖଣ୍ଡ ବୋଇତ ଥିଲା । ତା'ର ସାତପୁଅ, ସାତ ବୋହୂ ଓ ଅଲିଅଳୀ କନ୍ୟା ତଅପୋଇ । ଚାଲନ୍ତି ସୁନାରେ ରୁପାରେ, ଶୁଅନ୍ତି ଖଟ ପଲଙ୍କରେ । ସାତପୁଅ ବୋଇତ ଧରି ବେପାର ବାଣିଜ୍ୟକୁ ଦୂରଦେଶକୁ ଯାଆନ୍ତି । ଦିନେ ନୁହେଁ କି ମାସେ ନୁହେଁ ବେଳେବେଳେ ବର୍ଷ ବର୍ଷ ଧରି ସେମାନେ ବେପାର ବଣିଜ ପାଇଁ ଅଟକି ଯାଆନ୍ତି । ଖୁଦୁରୁକୁଣି ଓଷା ବହିରେ ତଅପୋଇର ସାତ ଭାଇ ଦଶବର୍ଷ ପରେ ଫେରିଥିଲେ ବୋଲି ଲେଖାଅଛି ।



## ସାଧବ ପୁଅଙ୍କ ନୌବାଣିଜ୍ୟ

ସମାଜରେ ସାଧବମାନଙ୍କର ସାମାଜିକ ମର୍ଯ୍ୟାଦା ମନ୍ତ୍ରୀ, କଟୁଆଳମାନଙ୍କଠାରୁ କୌଣସି ଗୁଣରେ କମ୍ ନଥିଲା । ସେମାନେ ବେପାର ବାଣିଜ୍ୟରେ ସାଧୁତା ରକ୍ଷା କରୁଥିବାରୁ ସେମାନଙ୍କୁ ସାଧବ ବୋଲି କୁହାଯାଉଥିଲା । କ୍ରମେ ଏମାନେ ସାଧୁରୁ ସାହୁ ହୋଇ ଯାଇଥିବା କଥା ଅମୂଳକ ନୁହେଁ । ରାଜା, ମନ୍ତ୍ରୀ, କଟୁଆଳ ଓ ସାଧବମାନଙ୍କର ସନ୍ତାନମାନେ ସାଙ୍ଗସାଥୀ ହୋଇ ଖେଳୁଥିଲେ । ଏମାନଙ୍କ ମଧ୍ୟରେ ବନ୍ଧୁତା ରହୁଥିଲା । ଏହାକୁ ଆଧାର କରି ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ ଲୋକକଥା ରହିଛି । ସାହାଡ଼ା ସୁନ୍ଦରୀ ଗଳ୍ପରେ ମନ୍ତ୍ରୀ ପୁଅର ବୋଇତରେ ନୌବାଣିଜ୍ୟ ପାଇଁ ଯିବା କଥା ରହିଛି । ସାରଳା ଦାସଙ୍କ 'ମହାଭାରତ', ନରସିଂହ ସେଣଙ୍କ 'ପରିମଳା' କାବ୍ୟ, 'ଟୀକା ଗୋବିନ୍ଦ ଚନ୍ଦ୍ର', 'କୈବର୍ତ୍ତ ଗୀତା', 'ଲାବଣ୍ୟବତୀ', ମାୟାଧର ମାନସିଂହଙ୍କ 'ସାଧବ ଝିଅ କଥା' ଆଦିରୁ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରଂପରାର ପରିଚୟ ମିଳେ । ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' ପୁସ୍ତକରେ ଏକ ପଂକ୍ତି ରହିଛି "ବହିତ୍ର ଲାଗିଲା ଯାଇ ସିଂହଳ ଦୀପରେ ।" ବହିତ୍ର ନାମରେ ଏକ ସାହିତ୍ୟ ପତ୍ରିକା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କିଛି ଦିନ ପାଇଁ ବାହାରୁଥିଲା ।



### ମାଆ ମଙ୍ଗଳାଙ୍କ ପୂଜା

ସାଧବମାନେ ମୁଖ୍ୟତଃ ମାଆ ମଙ୍ଗଳାଙ୍କୁ ପୂଜା କରିଥା'ନ୍ତି । ମଙ୍ଗଳା ହେଉଛନ୍ତି ସେମାନଙ୍କ ଇଷ୍ଟ ଦେବୀ । କାକଟପୁର ମଙ୍ଗଳାଙ୍କୁ କେହି ଜଣେ ସାଧବ ସିଂହଳ ଦୀପରୁ ଆଣିଥିଲେ ବୋଲି କିମ୍ବଦନ୍ତୀ କହେ । ପ୍ରକୃତରେ ମଙ୍ଗଳା ବୈଦିକ ବା ଶାସ୍ତ୍ରପୁରାଣର ଦେବୀ ନୁହଁନ୍ତି । ଲକ୍ଷ୍ମୀ, ସରସ୍ୱତୀ, ପାର୍ବତୀଙ୍କୁ ହିଁ ଶାସ୍ତ୍ର ସମ୍ମତ ଦେବୀ ରୂପେ ଗ୍ରହଣ କରାଯାଇଛି । ମଙ୍ଗଳା ହେଉଛନ୍ତି ଲୋକଦେବୀ । ନିତି ପ୍ରତିଦିନ ପେଟ ପାଟଣା ପାଇଁ ନଦୀ ସମୁଦ୍ରର ଅକାତ କାତ ପାଣିକୁ ଜୀବନ ଜୀବିକାର ମାଧ୍ୟମ ବୋଲି ଗ୍ରହଣ କରୁଥିବାରୁ ଏହି ବିପତ୍ତିରୁ ରକ୍ଷା କରିବାପାଇଁ ସେମାନେ ମଙ୍ଗଳା ମାଆଙ୍କୁ ପୂଜନ୍ତି । ଧାମୁରେଇ, ବାସୁଳେଇ, ଜାଗୁଳେଇ, କୋଚିଳାଇ, ଚର୍ଚ୍ଚିକେଇ, ହିଙ୍ଗୁଳାଇ ପରି ନାମ ଏମାନଙ୍କର ରହିଛି । ପ୍ରାଚୀ ନଦୀର କୂଳେ କୂଳେ ମାଆ ମଙ୍ଗଳା ଏହିପରି ଅନେକ ନାମରେ ପୂଜିତା ହୁଅନ୍ତି । ଏହି ଦେବୀମାନଙ୍କୁ ପ୍ରାୟତଃ ଅବ୍ରାହ୍ମଣ ଶୁଦ୍ର ସ୍ତ୍ରୀ କିମ୍ବା ପୁରୁଷମାନେ ପୂଜା କରନ୍ତି । କହିବା ବାହୁଲ୍ୟ ଓଡ଼ିଶାର କୌଣସି ମନ୍ଦିରରେ ଉଚ୍ଚବର୍ଗ ବ୍ରାହ୍ମଣ କୂଳର ସ୍ତ୍ରୀମାନେ ପୂଜା କରିବାର ଦୃଷ୍ଟାନ୍ତ ନାହିଁ ।

ଓଡ଼ିଶାରେ ଯେତେ ସବୁ ଓଷାବ୍ରତ କଥା ଅଛି ଅଧିକାଂଶ ସାଧବାଣୀ କିମ୍ବା ସାଧବ ଝିଅମାନେ କରୁଥିବା ଉଲ୍ଲେଖ ରହିଛି । ଖୁଲଣା ସୁନ୍ଦରୀ, ସତ୍ୟପୀର ଶନିଶ୍ଚର ମେଳା, ଚଇତି ପୁନେଇଁ, ସୋମନାଥ ବ୍ରତ ତଥା ଅନ୍ୟାନ୍ୟ ଅନେକ ବ୍ରତ ଓଷା କେବଳ ଓଡ଼ିଶା ନୁହେଁ, ବଙ୍ଗ ଦେଶରେ ସ୍ତ୍ରୀ ଲୋକମାନେ ଯେଉଁ ମଙ୍ଗଳ ଚଣ୍ଡୀ ପୂଜା କରନ୍ତି ତାହା ମଧ୍ୟ ପ୍ରଥମେ ସୌଦାଗର (ଓଡ଼ିଶାରେ ଯାହାଙ୍କୁ ସାଧବ ବୋଲି କୁହାଯାଏ) ର ସ୍ତ୍ରୀ ମଙ୍ଗଳ ଚଣ୍ଡୀ ପୂଜା କରିଥିଲା ।

'ଖୁଲଣା ସୁନ୍ଦରୀ' ପୁସ୍ତକରେ ରାଜା ଧନେଶ୍ୱର ମଙ୍ଗଳାଙ୍କ ଆଶୀର୍ବାଦ ନନେଇ ଜଗନ୍ନାଥଙ୍କୁ ପ୍ରଣାମ ଜଣାଇ ବୋଇତରେ ଯାଇଥିବାରୁ ସବୁ ଅଘଟଣ ଘଟିଲା । ସମୁଦ୍ର ବକ୍ଷରେ ପଦ୍ମଫୁଲ ଉପରେ ସୁନ୍ଦରୀ ଯୁବତୀ ଧନେଶ୍ୱରଙ୍କୁ ଦୃଶ୍ୟ ହେଲେ । ଧନେଶ୍ୱର ସାଧବ ସେ ଦେଶର ରାଜାଙ୍କୁ ଏ ସମ୍ବାଦ ଦେବାକୁ ଗଲା । ଏପରି ଅଜବ ଦୃଶ୍ୟ ଦେଖିବା ପାଇଁ ରାଜା ଆସିଲେ । କିନ୍ତୁ ମଙ୍ଗଳାଙ୍କ ମାୟାରେ ସବୁ ଅଦୃଶ୍ୟ ହୋଇଗଲା । ପରେ ମଙ୍ଗଳା ମାଆଙ୍କୁ ପୂଜା କରିବାରୁ ତାଙ୍କ ଦୟାରେ ଧନେଶ୍ୱର ସାଧବର ଦ୍ୱିତୀୟ ସ୍ତ୍ରୀ ଖୁଲଣା ଭଉଣୀ ତଥା ସପତ୍ନୀ ନୟନା ସୁନ୍ଦରୀର ସବୁ ପ୍ରକାର କଷଣ ଦୂର ହୋଇଛି । ସେ ଅସାଧ୍ୟ ସାଧନ କରିଛି । ପୁତ୍ର ଶ୍ରୀଧର ମଙ୍ଗଳା ମାଆଙ୍କୁ ସୁମରଣା କରି ବୋଇତରେ ଯାଇ ପିତାଙ୍କୁ ଉଦ୍ଧାର କରିଛି । ଧୂମାନ୍ତ ରାଜ୍ୟର ରାଜ କୁମାରୀଙ୍କୁ ବିବାହ କରିଛି । ଯେଉଁମାନେ ବୋଇତରେ ଦୂର ଦେଶକୁ ଯାଉଥିଲେ ସେମାନେ ମା' ମଙ୍ଗଳାଙ୍କୁ ପୂଜା କରିବା ପରମ୍ପରା ଏହିଭଳି ସୃଷ୍ଟି ହୋଇଥିବ । ସବୁ ବନ୍ଦର ମୁହାଁଣ ପାଖରେ ମଙ୍ଗଳାଙ୍କ ମୂର୍ତ୍ତି ବିରାଜମାନ ହୋଇଥାନ୍ତି । ବୋଇତର ମଙ୍ଗ କୋଣରେ ମଧ୍ୟ ମଙ୍ଗଳାଙ୍କୁ ବସାଇ ତାଙ୍କ ଆଶୀର୍ବାଦ ନେଇ ସାଧବ ପୁଅ ଦୂର ବିଦେଶକୁ ବୋଇତ ମେଲି ଦେଉଥିଲା ।




ସାଧବମାନଙ୍କ ଦ୍ୱାରା ଦେଶର ଆର୍ଥିକ ସମୃଦ୍ଧି ହେଉଥିଲା । ଯେଉଁ ଅଞ୍ଚଳରେ ଯେତେବେଶି ସାଧବ ରହୁଥିଲେ ସେ ଅଞ୍ଚଳର ସାମାଜିକ ରାଜନୈତିକ ଅର୍ଥନୈତିକ ସ୍ଥିତି ସ୍ୱତନ୍ତ୍ର ଥିଲା । ଯେପରିକି ତଅପୋଇ ଓ ଖୁଦୁରୁକୁଣୀ ଓଷା କଥା ବହିରେ ରହିଛି ।

**ସେ ନଗ୍ରବଡ଼ ଶୋଭାବନ, ଅଳକା ପୁରକୁ ସମାନ**
**ବହୁତ ସାଧବ ଅଛନ୍ତି, ବୋଇତ ବାଣିଜ୍ୟ କରନ୍ତି**
**ସେହି ବାଣିଜ୍ୟ ପରସାଦେ, ଜିଣନ୍ତି କୁବେରକୁ ବାଦେ**
**ପୋଇଲି ପିନ୍ଧେ ପାଟଶାଢ଼ି, ପିନ୍ଧନ୍ତି ହସ୍ତେ ସୁନା ଚୁଡ଼ି ।**

ସେମାନଙ୍କ ପୁଅଝିଅମାନେ ସୁନା ଚାନ୍ଦରେ ଓ ହୀରାର ତାରାରେ ଖେଳୁଥିଲେ । ରୁପା କୁଲେଇରେ ଧୂଳି ଖେଳୁଥିଲେ । ଯେଉଁମାନେ ବୋଇତ ବଣିଜରେ ଯାଉଥିଲେ ସେମାନେ ମୁଖ୍ୟତଃ ବଣିଆ, ଗୁଡ଼ିଆ, ତେଲି ସଂପ୍ରଦାୟର ଥିଲେ । ଏହି ତିନି ସଂପ୍ରଦାୟରେ ସାହୁ ସଂଜ୍ଞା ବହୁଳ ପରିମାଣରେ ପରିଲକ୍ଷିତ ହୋଇଥାଏ । ଏହାଛଡ଼ା କ୍ଷତ୍ରିୟ ଓ ଅନ୍ୟ ସଂପ୍ରଦାୟମାନଙ୍କର ମଧ୍ୟ କେତେକ ଏହି ବୃତ୍ତି କରୁଥିଲେ । 'ଖୁଲଣା ସୁନ୍ଦରୀ' କାବ୍ୟରେ ଧନେଶ୍ୱର ସାଧବ ଥିଲା ଜାତିରେ ବଣିଆ । ସାଧବ ବୋଲି ନିର୍ଦ୍ଦିଷ୍ଟ ଜାତି ନଥିଲା । ଯେଉଁମାନେ ନୌବାଣିଜ୍ୟ କରୁଥିଲେ ସେମାନଙ୍କୁ ସାଧବ ବୋଲି କୁହାଯାଇଥିଲା । ବୋଇତ ସହ ସାଧବମାନଙ୍କ ସମ୍ପର୍କ ନିବିଡ଼ ଥିଲା ।



କାର୍ତ୍ତିକ ପୂର୍ଣ୍ଣମୀ ବେଳକୁ ଜଳବାୟୁ ଅନୁକୂଳ ହୋଇଥାଏ । ବର୍ଷା ଝଡ ବାତ୍ୟାର ପ୍ରକୋପ କମିଯାଇଥାଏ । ଚାଷେ ବାସ କାର୍ଯ୍ୟ ମଧ୍ୟ ସରି ଯାଇଥାଏ । ଏହି ଦିନ ଅନୁକୂଳ କରି ସାଧବମାନେ ବୋଇତରେ ଯାଉଥିଲେ । ସମ୍ଭବତଃ ସଂଯୋଗ ବଶତଃ ଏହି ଦୁଇଟି ଉତ୍ସବ ଗୋଟିଏ ଦିନରେ ପଡ଼ିଥିବାରୁ ଆ କା ମା ବୈଙ୍କ ସହ ଆମ ପ୍ରାଚୀନ ଐତିହ୍ୟ ସ୍ମୃତି ବିଜଡ଼ିତ ହୋଇପଡ଼ିଛି । ମାସେ କାଳ ହବିଷ୍ୟ ଆଦି କରି ବିଭିନ୍ନ ପୂଜା ବ୍ରତରେ ନାରୀମାନେ ଯେଉଁ ଧର୍ମ ଅର୍ଜନ କରିଥା'ନ୍ତି ସେଗୁଡିକୁ ଆଧାର କରି ସ୍ୱାମୀପୁତ୍ର ଭ୍ରାତା ଆଦିଙ୍କ ଶୁଭ ମନାସି ମେଲାଣି ଦେଉଥିଲେ ।

ସୁଦୂର ଥାଇଲ୍ୟାଣ୍ଡ ଦ୍ୱୀପରେ ଆମ ବୋଇତ ବନ୍ଦାଣ ପରି ଏକ ପର୍ବ ପାଳନ କରାଯାଏ । ଅଦ୍ଭୁତ ଭାବରେ ଏହି ପର୍ବ ସହ ଆମ ବୋଇତ ବନ୍ଦାଣ ଉତ୍ସବର ସାମ୍ୟ ପରିଲକ୍ଷିତ ହୁଏ । ଏହି ପର୍ବକୁ ଲୟ କ୍ରାଥଙ୍ଗ ବା ଆଲୋକ ଭସାଣ ପର୍ବ ବୋଲି କୁହାଯାଏ ।

ଏବେ ଆଉ ସେ ସାଧବ ନାହାଁନ୍ତି, ନୌଯାତ୍ରା ନାହିଁ କି ନୌବାଣିଜ୍ୟ ନାହିଁ । ଉତ୍କଳର ଶ୍ରୀ ସମୃଦ୍ଧ ପରଂପରା ମଧ୍ୟ ନାହିଁ । ପ୍ରାକୃତିକ ବିପର୍ଯ୍ୟୟ, ରାଜନୈତିକ ପରାଭବ, ବୈଦେଶିକ ଶତ୍ରୁଙ୍କର ଦୌରାତ୍ମ୍ୟ ଉତ୍କଳର ଏହି ମହାନ୍ ପରମ୍ପରାକୁ ଧୂଳିସାତ୍ କରିଦେଲା । ଏବେ ଆମ ଲୋକମାନେ ଆଉ ସୂନାରୁପା, ମୋତିମାଣିକ୍ୟର କାରବାର ପାଇଁ ବିଦେଶ ଯାଉ ନାହାଁନ୍ତି । ଯାଉଛନ୍ତି ନିର୍ମାଣ ଶ୍ରମିକ ହୋଇ । ପାଣି ପାଇପ୍ କାମ କରିବା ପାଇଁ । କେତେବେଳେ କି ପ୍ରକାର ଘଟଣ ଅଘଟଣରେ ସେମାନଙ୍କ ପ୍ରାଣ ଚାଲିଯାଉଛି ତାହାର ସଠିକ୍ ଖବର ସୁଦ୍ଧା ଆମ୍ଭ ପାଖରେ ପହଞ୍ଚି ପାରୁନାହିଁ । କେଉଁଠି କୋଠା ଭୁଷୁଡ଼ି ତ କେଉଁଠି ଆତତାୟୀ ଗୁଳିର ଶିକାର ହୋଇ । ତଥାପି ଆମେ ହତୋତ୍ସାହିତ ହେବା ନାହିଁ । ଆମ ଐତିହ୍ୟ ସଂସ୍କୃତି ଆମର ସଂପଦ । ସେହି ସଂପଦର ଯଥାର୍ଥ ଉପଯୋଗ କରି ଆମେ ପୁଣି ଥରେ ସେହି ହୃତ୍ ଗୌରବ ଲୁପ୍ତ ସୌରଭକୁ ଫେରାଇ ଆଣି ପାରିବା । ଆମ ଆତ୍ମବିଶ୍ୱାସକୁ ଉଜ୍ଜୀବିତ କରି ପୁଣି ଥରେ ଆମେ ଗର୍ବର ସହ କହିବା ଆମେ ସେହି ସାହସୀ ବୀର ଓଡ଼ିଆ, ଯାହାର ଉନ୍ନତ ଜ୍ଞାନ କୌଶଳ, ଉତ୍ତମ ବ୍ୟବସାୟିକ ବୃଦ୍ଧି, ସାଧୁତା ସଚ୍ଚୋଟତା ଦିନେ ସମଗ୍ର ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ■

୨୧୩ ସି-ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ,
ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬, ମୋ: ୯୪୩୭୦୩୩୦୭୪





# ସାମୁଦ୍ରିକ ଆଇନ



ଗଦାଧର ବଳ

**ଓଡ଼ିଆରେ ମେରିଟାଇମ୍ (Maritime) ର ସାଧାରଣ ଅର୍ଥ ହେଉଛି 'ସାମୁଦ୍ରିକ' ବା 'ସମୁଦ୍ର ସମ୍ବନ୍ଧୀୟ' । ଏହାର ମୁଖ୍ୟ ଉଦ୍ଦେଶ୍ୟ ବାଣିଜ୍ୟ ଓ ପରିବହନ ପାଇଁ ସମୁଦ୍ର ପଥରେ ଜାହାଜ ସାହାଯ୍ୟରେ ମାଲ୍ ପରିବହନ ବା ବ୍ୟବସାୟ କରିବା । ସହଜ ଭାଷାରେ କହିଲେ, ସମୁଦ୍ର କୂଳରେ ରହୁଥିବା ଲୋକଙ୍କ ଜୀବନଶୈଳୀ, ସାମୁଦ୍ରିକ ବ୍ୟବସାୟ ଏବଂ ଜଳପଥ ସହିତ ଜଡ଼ିତ ସମସ୍ତ ବିଷୟକୁ 'ମେରିଟାଇମ୍' କୁହାଯାଏ । ସାମୁଦ୍ରିକ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ Maritime Law ବା ସାମୁଦ୍ରିକ ଆଇନ କାର୍ଯ୍ୟକାରୀ ହେଉଛି । ସମୁଦ୍ର ଓ ମହାସାଗରରେ ହେଉଥିବା ସମସ୍ତ କାର୍ଯ୍ୟକଳାପକୁ ଏହି ଆଇନ ନିୟନ୍ତ୍ରଣ କରିଥାଏ ।**

## ନୌବାଣିଜ୍ୟ ପାଇଁ ଚୁକ୍ତି ସ୍ୱାକ୍ଷରିତ




ଆମ ଦେଶ ଭାରତ ହେଉ କି ସମୁଦ୍ର ସଂଲଗ୍ନ ସମସ୍ତ ଦେଶ ନୌବାଣିଜ୍ୟ ଉପରେ ସିଂହଭାଗ ଅର୍ଥନୀତି ନିର୍ଭର କରେ। ନୌବାଣିଜ୍ୟ ବେଳେ ନାବିକ ହୁଅନ୍ତୁ କି ପରିବହନ ହେଉ ଅନେକ ଅସୁବିଧାର ସମ୍ମୁଖୀନ ହୁଅନ୍ତି। କେତେବେଳେ ସୋମାଲିଆର ଜଳ ଦସ୍ୟୁମାନେ ଜାହାଜ ଅପହରଣ କରି ନେଲେଣି ତ କେତେବେଳେ ଏହି ଜଳପଥ ଦେଇ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଚୋରା ନିଶା କାରବାର ହେଉଛି। କେବେ କେବେ ବି ଗୋଟିଏ ଦେଶର ଅନ୍ତର୍ନିହିତ ଶାନ୍ତି ବ୍ୟାଘାତ ପାଇଁ ଶତ୍ରୁ ଦେଶ ଏହି ଜଳପଥରେ ଆତଙ୍କବାଦୀ ଆକ୍ରମଣ ଯୋଜନା କରାଇଛି । ୨୦୦୮ ମସିହା ନଭେମ୍ବର ୨୮ ତାରିଖରେ ମୁମ୍ବାଇର ପାକିସ୍ତାନ ପ୍ରେରିତ ଆତଙ୍କବାଦୀ ଆକ୍ରମଣ ଏହାର ଏକ ଜ୍ୱଳନ୍ତ ଉଦାହରଣ। ତେବେ ନୌଯାତ୍ରା ବେଳେ ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଏହି ସବୁ ବିପଦରୁ ସୁରକ୍ଷା ପାଇଁ ବିଶ୍ୱ ସମୁଦାୟ ସବୁବେଳେ ଚିନ୍ତା ପ୍ରକଟ କରିଆସିଛନ୍ତି। ବିଶେଷତଃ ୧୯୪୫ ମସିହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସମୁଦ୍ର ଭିତରୁ ତେଲ, ଗ୍ୟାସ୍ ଏବଂ ମାଛ ଧରିବାର ଆଧୁନିକ ଜ୍ଞାନକୌଶଳ ବୃଦ୍ଧି ପାଇଲା। ଅନେକ ଦେଶ ନିଜର ସୀମା ବଢ଼ାଇବାକୁ ଚେଷ୍ଟା କଲେ। ଯାହାଫଳରେ ବିବାଦ ସୃଷ୍ଟି ହେଲା। ଏହାକୁ ସମାଧାନ କରିବାକୁ ମିଳିତ ଜାତିସଂଘ (UN) ପଦକ୍ଷେପ ନେଲା। ଏହାପରେ ୧୯୫୮ ମସିହାରେ UNCLOS-I ଜେନେଭାରେ ତା'ର ପ୍ରଥମ ସମ୍ମିଳନୀ ଆୟୋଜନ କଲା। ଏଥିରେ ୪ଟି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ସେଗୁଡ଼ିକ ହେଲା Territorial Sea ବା ଆଞ୍ଚଳିକ ସମୁଦ୍ର, High Seas ବା ଖୋଲା ସମୁଦ୍ର, Fishing ବା ମତ୍ସ୍ୟ ଚାଷ, Continental Shelf ବା ସାମୁଦ୍ରିକ ମଗ୍ନତଟ। କିନ୍ତୁ ସମୁଦ୍ରର ସୀମା କେତେ ଦୂର ହେବ, ସେ ନେଇ ଦେଶଗୁଡ଼ିକ ମଧ୍ୟରେ ଏକମତ ହୋଇପାରିଲେ ନାହିଁ। ୧୯୬୦ ମସିହାରେ UNCLOS-II ତା'ର ଦ୍ୱିତୀୟ ସମ୍ମିଳନୀ ଆୟୋଜନ କରିଥିଲା। ଯାହା ବିଫଳ ହେଲା। କାରଣ ସମୁଦ୍ର ସୀମା ବା Territorial Seaର ଦୂରତାକୁ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରିଲା ନାହିଁ। କୂଳରୁ ମାତ୍ର ୩ ନଟିକାଲ ମାଇଲ (ଗୋଟିଏ କେନନ୍ ବା ତୋପର ଗୋଳା ଯେତିକି ଦୂର ଯାଇପାରେ) ପର୍ଯ୍ୟନ୍ତ ଏକ ଦେଶର ଅଧିକାର ରହୁଥିଲା। ବାକି ସମୁଦ୍ରକୁ 'High Seas' ବୋଲି ଧରାଯାଉଥିଲା।

୧୯୭୩ – ୧୯୮୨ ଯାଏ UNCLOS-III ବିଭିନ୍ନ ବୈଠକରେ ପ୍ରାୟ ୯ ବର୍ଷର ଆଲୋଚନା ପରେ ୧୦ ଡିସେମ୍ବର ୧୯୮୨ରେ ଜାମାଇକାର ମଣ୍ଟେଗୋ ବେ' (Montego Bay) ଠାରେ ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହେଲା। ଏହି ଅନୁଯାୟୀ Territorial Seaକୁ ସମୁଦ୍ର କୂଳରୁ ୧୨ ନଟିକାଲ ମାଇଲ୍ ପର୍ଯ୍ୟନ୍ତ ସମ୍ପୃକ୍ତ ଦେଶର ସମ୍ପୂର୍ଣ୍ଣ ଅଧିକାର ରହିଲା। EEZ ବା Exclusive Economic Zone ଯାହାକି ସମୁଦ୍ର କୂଳରୁ ୨୦୦ ନଟିକାଲ୍ ମାଇଲ ପର୍ଯ୍ୟନ୍ତ






## ସାମୁଦ୍ରିକ ସୀମାକୁ ସୁରକ୍ଷା

ଭାରତର ସାମୁଦ୍ରିକ ସୀମାକୁ ସୁରକ୍ଷିତ ରଖିବା ପାଇଁ ତିନୋଟି ସ୍ତରରେ କାର୍ଯ୍ୟ ବ୍ୟବସ୍ଥା କରାଯାଇଛି । ସାଗର ପ୍ରହରୀ ବା Marine Police ନିଯୁକ୍ତି କରାଯାଇ ସେମାନଙ୍କୁ ସମୁଦ୍ର କୂଳରୁ ୫ ନଟିକାଲ୍ ମାଇଲ ପର୍ଯ୍ୟନ୍ତ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ରହିଛି । ସେହିପରି ତଟରକ୍ଷୀ ବାହିନୀ Territorial Waters ଏବଂ EEZ (୨୦୦ ନଟିକାଲ ମାଇଲ) ପର୍ଯ୍ୟନ୍ତ ସୁରକ୍ଷା ଦାୟିତ୍ୱ ନିର୍ବାହ କରନ୍ତି । ଭାରତୀୟ ନୌସେନା ଗଭୀର ସମୁଦ୍ର ଏବଂ ଆନ୍ତର୍ଜାତୀୟ ଜଳପଥରେ ଭାରତର ସ୍ୱାର୍ଥ ରକ୍ଷା କରନ୍ତି ।



ସମ୍ପଦ (ତେଲ, ମାଛ ଆଦି) ଉପରେ ସେହି ଦେଶର ଏକଚ୍ଛତ୍ର ଅଧିକାର ଅର୍ପଣ କରାଗଲା । ସେହିପରି Right of Innocent Passage ଅନୁଯାୟୀ ବିଦେଶୀ ଜାହାଜମାନେ ବିନା କୌଣସି କ୍ଷତିରେ ଅନ୍ୟ ଦେଶର ସୀମା ଦେଇ ଯାଇପାରିବେ ବୋଲି ସମସ୍ତେ ରାଜି ସମ୍ମତ ହୋଇ ଚୁକ୍ତି ସ୍ୱାକ୍ଷରିତ ହେଲା । ଏହି ନିୟମ ୧୯୯୪ ନଭେମ୍ବର ୧୬ ତାରିଖରୁ ବିଶ୍ୱ ସମୁଦାୟ ମାନିନେଲେ । ତାକୁ UNCLOS ବା United Nations Convention on the Law of the Sea କୁହାଯାଏ । ଏହାକୁ 'ସମୁଦ୍ରର ସମ୍ବିଧାନ' ମଧ୍ୟ କୁହାଯାଇପାରେ । ବର୍ତ୍ତମାନ ଭାରତ ସମେତ ୧୬୦ରୁ ଅଧିକ ଦେଶ ଏହାର ସଦସ୍ୟ ଅଛନ୍ତି । ଏହି ନିୟମ ମାଧ୍ୟମରେ ସମୁଦ୍ରରେ ବାଣିଜ୍ୟ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସାମୁଦ୍ରିକ ସୀମା ବିବାଦର ସମାଧାନ କରାଯାଉଛି ।

ସାମୁଦ୍ରିକ ଆଇନ ବା Maritime Law (ଯାହାକୁ 'Admiralty Law' ମଧ୍ୟ କୁହାଯାଏ) ସମୁଦ୍ର ଏବଂ ମହାସାଗରରେ ହେଉଥିବା ସମସ୍ତ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିଥାଏ । ବିଶ୍ୱର ପ୍ରାୟ ୯୦% ବାଣିଜ୍ୟ ସମୁଦ୍ର ପଥରେ ହୋଇଥାଏ । ବିଭିନ୍ନ ଦେଶ ମଧ୍ୟରେ ସାମଗ୍ରୀ ଆଦାନ-ପ୍ରଦାନ ସମୟରେ ଯଦି କୌଣସି ବିବାଦ ଦେଖାଦିଏ, ତେବେ ମେରିଟାଇମ ଲ' ସେହି ସମସ୍ୟାର ସମାଧାନ କରିବାରେ ଏକ ସମାନ ନିୟମାବଳୀ ପ୍ରଦାନ କରିଥାଏ । ଗୋଟିଏ ଦେଶର ସାମୁଦ୍ରିକ ସୀମା କେଉଁ ପର୍ଯ୍ୟନ୍ତ ଏବଂ କେଉଁ ଅଞ୍ଚଳରେ ମାଛ ଧରିବା ବା ପ୍ରାକୃତିକ ସମ୍ପଦ (ଯଥା: ତେଲ ଓ ଗ୍ୟାସ୍) ଉତ୍ତୋଳନ କରିବାର ଅଧିକାର କାହାର, ତାହା ଏହି ଆଇନ ଦ୍ୱାରା ସ୍ଥିର ହୋଇଥାଏ । ଯଦି ସମୁଦ୍ର ମଝିରେ ଦୁଇଟି ଜାହାଜ ମଧ୍ୟରେ ଧକ୍କା ହୁଏ କିମ୍ବା ଜାହାଜଟି ବୁଡ଼ିଯାଏ, ତେବେ କ୍ଷତିପୂରଣ କିଏ ଦେବ, ଜାହାଜରେ ଥିବା ସାମଗ୍ରୀର ମାଲିକଙ୍କୁ କିପରି ସୁରକ୍ଷା ମିଳିବ ଆଦି ନିୟମ ସାମୁଦ୍ରିକ ଆଇନ ଅଧୀନରେ ଆସିଥାଏ ।

ଜାହାଜରୁ ତେଲ ସଂକ୍ରମଣ ବା Oil Spill କିମ୍ବା ଅନ୍ୟାନ୍ୟ ଆବର୍ଜନା ଦ୍ୱାରା ସମୁଦ୍ର ପ୍ରଦୂଷିତ ହେଲେ, ଦାୟୀ ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏହି ଆଇନର ଆବଶ୍ୟକତା ଅଛି । ଜାହାଜରେ କାମ କରୁଥିବା ନାବିକ (Sailors/ Seafarers) ମାନଙ୍କର ଦରମା, କାର୍ଯ୍ୟ କରିବାର ସମୟ, ସ୍ୱାସ୍ଥ୍ୟ ବୀମା ଏବଂ ସେମାନଙ୍କର ସୁରକ୍ଷା ସମ୍ବନ୍ଧୀୟ ଅଧିକାରକୁ ଏହି ଆଇନ ସୁନିଶ୍ଚିତ କରେ । ସେହିପରି ସମୁଦ୍ର ମଝିରେ ହେଉଥିବା ଚୋରା ଚାଲାଣ, ଜଳଦସ୍ୟୁ (Piracy) ଏବଂ ବେଆଇନ ଅନୁପ୍ରବେଶକୁ ରୋକିବାରେ ଏହା ବିଶେଷ ସାହାଯ୍ୟ କରେ ।

ଭାରତର ପ୍ରାୟ ୭,୫୦୦ କିଲୋମିଟରରୁ ଅଧିକ ଲମ୍ବା ଉପକୂଳ ରହିଛି । ଭାରତରେ ଏହାକୁ ପରିଚାଳନା ପାଇଁ ୧୯୫୮ ମସିହାରେ 'The Merchant Shipping Act, 1958' ପ୍ରଣୟନ କରିଛି । ଏହା ଭାରତର ସବୁଠାରୁ ବଡ଼ ସାମୁଦ୍ରିକ ଆଇନ । ଏହି ଆଇନ ଅନୁଯାୟୀ ଜାହାଜଗୁଡ଼ିକର ପଞ୍ଜିକରଣ, ନାବିକଙ୍କ ନିଯୁକ୍ତି ଏବଂ ସୁରକ୍ଷା ନିୟମ ଗୁଡ଼ିକକୁ ନିୟନ୍ତ୍ରଣ କରେ । ସେହିପରି ୨୦୧୭ ମସିହାରେ କେନ୍ଦ୍ର ସରକାର 'The Admiralty (Jurisdiction and Settlement of Maritime Claims) Act' ପ୍ରଣୟନ କରିଛନ୍ତି । ଏହି ନୂଆ ଆଇନ ଅନୁସାରେ, ସାମୁଦ୍ରିକ ବିବାଦ ଏବଂ ଜାହାଜ ଜବତ ଭଳି ମାମଲାଗୁଡ଼ିକର ଶୁଣାଣି ସମ୍ପୃକ୍ତ ରାଜ୍ୟର ହାଇକୋର୍ଟରେ କରାଯାଇ ପାରିବ ବୋଲି ଆଇନ ରହିଛି । ୨୦୨୧ ମସିହାରୁ କାର୍ଯ୍ୟ କରିଆସୁଥିବା Major Port Authorities Act ଅନୁଯାୟୀ ଭାରତର ବଡ଼ ବନ୍ଦରଗୁଡ଼ିକକୁ ସ୍ୱୟଂଶାସିତ କ୍ଷମତା ପ୍ରଦାନ କରେ । ଯାହାଦ୍ୱାରା ବାଣିଜ୍ୟ ଶୀଘ୍ର ଏବଂ ସହଜରେ ହୋଇପାରୁଛି । ଏହି ଆଇନ ବଳରେ ଚୀନ ସାଗର ଭଳି ବିବାଦୀୟ ଅଞ୍ଚଳରେ UNCLOS ର ନିୟମ ଅନୁସାରେ ସମାଧାନ ପାଇଁ ଚେଷ୍ଟା କରାଯାଏ ।

ନୀଳ ଅର୍ଥନୀତି ବା Blue Economy ଦ୍ୱାରା ଭାରତ ନିଜର EEZ ଅଞ୍ଚଳର ବ୍ୟବହାର କରି ସାମୁଦ୍ରିକ ବାଣିଜ୍ୟ ଏବଂ ମାଛ ଧରିବା କ୍ଷେତ୍ରରେ ନିଜର ଅର୍ଥନୀତିକୁ ମଜବୁତ କରୁଛି । ମଜାର କଥା ହେଲା ସମୁଦ୍ର ମଝିରେ ଯାଉ ଥିବା ଜାହାଜରେ ଯଦି କୌଣସି ଶିଶୁ ଜନ୍ମ ହୁଏ କିମ୍ବା କୌଣସି ଅପରାଧ ହୁଏ, ତେବେ ସେହି ଜାହାଜଟି ଯେଉଁ ଦେଶର ପତାକା (Flag) ବ୍ୟବହାର କରୁଥାଏ, ସେହି ଦେଶର ଆଇନ ସେଠାରେ ଲାଗୁ ହୋଇଥାଏ । ଭାରତ ୨୦୨୨ ମସିହାରେ ଏକ ଶକ୍ତିଶାଳୀ ଆଇନ ପ୍ରଣୟନ କରିଛି, ଯାହାକୁ 'The Maritime Anti-Piracy Act, 2022' କୁହାଯାଏ । ଏହା ଦ୍ୱାରା କେବଳ ଭାରତର ସୀମା ଭିତରେ ନୁହେଁ, ବରଂ High Seas (ମୁକ୍ତ ସମୁଦ୍ର, ଯାହା କୌଣସି ଦେଶର ଅଧୀନରେ ନାହିଁ) ରେ ମଧ୍ୟ ଲାଗୁ ହୁଏ । ଫଳରେ ଜଳଦସ୍ୟୁ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିମାନଙ୍କୁ ଗିରଫ କରାଯାଇ ଆଜୀବନ କାରାଦଣ୍ଡ କିମ୍ବା କେତେକ କ୍ଷେତ୍ରରେ ମୃତ୍ୟୁଦଣ୍ଡର ପ୍ରାବଧାନ କରାଯାଇଛି । ଏହି ଆଇନ ଅନୁସାରେ ଭାରତୀୟ ନୌସେନା ବା Indian Navy ଓ ତଟରକ୍ଷୀ ବାହିନୀ ବା Coast Guard ସନ୍ଦେହଜନକ ଜାହାଜକୁ ଅଟକାଇ ପାରିବେ ଏବଂ ଜଳଦସ୍ୟୁଙ୍କୁ ଗିରଫ କରିପାରିବେ ।




## ସାମୁଦ୍ରିକ ଅପରାଧ ବା ବେଆଇନ କାମ

ଯଦି ଚୋରା ଚାଲାଣ କିମ୍ବା ହତ୍ୟା ହୁଏ । ତେବେ ତାହା ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ବିଚାର ହେବ । ମାତ୍ର ଜଳଦସ୍ୟୁ ମାମଲା ପାଇଁ ସରକାର ସ୍ୱତନ୍ତ୍ର କୋର୍ଟ ମଧ୍ୟ ଗଠନ କରିପାରିବେ ବୋଲି ଆଇନ ରହିଛି । ଭାରତ ବର୍ତ୍ତମାନ ଭାରତ ମହାସାଗରରେ 'Net Security Provider' ଭାବେ କାର୍ଯ୍ୟ କରୁଛି । ସୋମାଲିଆ ଉପକୂଳ କିମ୍ବା ଆରବ ସାଗରରେ ଜଳଦସ୍ୟୁମାନେ ଯେତେବେଳେ କୌଣସି ଜାହାଜକୁ ଅପହରଣ କରନ୍ତି, ଭାରତୀୟ ନୌସେନା ବାରମ୍ବାର ସେମାନଙ୍କୁ ଉଦ୍ଧାର କରି ସାମୁଦ୍ରିକ ବାଣିଜ୍ୟକୁ ସୁରକ୍ଷିତ ରଖିବାର ଦାୟିତ୍ୱ ତୁଲାଉ ଅଛି । ୨୬/୧୧ ମୁମ୍ବାଇ ଆକ୍ରମଣ ପରେ ଭାରତ ନିଜର ସାମୁଦ୍ରିକ ଆଇନ ଏବଂ ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଛି । ଏହା ମୁଖ୍ୟତଃ ସମୁଦ୍ରରେ ହେଉଥିବା ବ୍ୟବସାୟ, ପରିବହନ ଏବଂ ନୌସେନା ସହିତ ଜଡ଼ିତ । ଏହାର କିଛି ପ୍ରମୁଖ ଦିଗ ହେଲା, ଜାହାଜ ସାହାଯ୍ୟରେ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ମାଲ୍ ପରିବହନ କରିବା । ସମୁଦ୍ରରେ ଜାହାଜ ଚଳାଚଳ, ସୀମା ବିବାଦ ଏବଂ ବ୍ୟବସାୟ ପାଇଁ ଥିବା ଅନ୍ତର୍ଜାତୀୟ ନିୟମ । ସେହିପରି ଯଦି ଦେଖିବା ନୌସେନା ଶକ୍ତି ହେଉଛି , ସମୁଦ୍ର ପଥର ସୁରକ୍ଷା ପାଇଁ ବ୍ୟବହୃତ ସାମରିକ ବ୍ୟବସ୍ଥା ।

## ସାମୁଦ୍ରିକ କ୍ଷେତ୍ରର ବିକାଶ ପାଇଁ ଯୋଜନା

Maritime State Development Council (MSDC) ହେଉଛି ଭାରତର ସାମୁଦ୍ରିକ କ୍ଷେତ୍ରର ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା । ଭାରତର ପ୍ରାୟ ୭,୫୧୭ କିଲୋମିଟର ଲମ୍ବା ଉପକୂଳ ରହିଛି । MSDC ର ମୁଖ୍ୟ କାମ ହେଉଛି, କେନ୍ଦ୍ର ସରକାର ଏବଂ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ (ଯେପରିକି ଓଡ଼ିଶା, ପଶ୍ଚିମବଙ୍ଗ, ଗୁଜୁରାଟ ଇତ୍ୟାଦି) ମଧ୍ୟରେ ସମନ୍ୱୟ ରକ୍ଷା କରି ବନ୍ଦରଗୁଡ଼ିକର ବିକାଶ କରିବା । ଓଡ଼ିଶା ପାଇଁ ଏହାର ଗୁରୁତ୍ୱ ଗୁଡ଼ିକ ହେଲା : ବନ୍ଦରଗୁଡ଼ିକର (ଯେପରିକି ପାରାଦୀପ, ଧାମରା, ଏବଂ ଗୋପାଳପୁର) ଆଧୁନିକୀକରଣ ଏବଂ ସେଠାରେ ନୂଆ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବାରେ ଏହି କାଉନସିଲ୍ ସାହାଯ୍ୟ କରେ । ବିଶେଷ କରି ଓଡ଼ିଶାରୁ କଞ୍ଚାମାଲ ରପ୍ତାନି ପାଇଁ ଏହା ପରିବହନର ଏକ ପ୍ରମୁଖ ମାଧ୍ୟମ । ଏହାର ପ୍ରମୁଖ ଦାୟିତ୍ୱ ମଧ୍ୟରେ ବନ୍ଦର ବିକାଶ ବା ନୂଆ ବନ୍ଦର ପ୍ରତିଷ୍ଠା ଏବଂ ପୁରୁଣା ବନ୍ଦର ଗୁଡ଼ିକର କ୍ଷମତା ବଢ଼ାଇବା । ଏହି ଆଇନ ମୁତାବକ ସାମୁଦ୍ରିକ ପଥରେ ଜାହାଜ ଚଳାଚଳକୁ ସୁରକ୍ଷିତ ଏବଂ ପ୍ରଦୂଷଣ ମୁକ୍ତ କରିବା । ଭାରତ ସରକାରଙ୍କ 'ସାଗରମାଳା' ଯୋଜନା ଅଧୀନରେ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବାକୁ ପ୍ରତିଶ୍ରୁତି ବଦ୍ଧ । ଏହାର ଅଧ୍ୟକ୍ଷ ହେଉଛନ୍ତି କେନ୍ଦ୍ର ସାମୁଦ୍ରିକ ପରିବହନ ମନ୍ତ୍ରୀ ଏବଂ ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟର ବନ୍ଦର ମନ୍ତ୍ରୀମାନେ ଏହାର ସଦସ୍ୟ ଅଟନ୍ତି । ଓଡ଼ିଶାର ଭଦ୍ରକ ଜିଲ୍ଲାରେ ଥିବା ଧାମରା ବନ୍ଦର ବର୍ତ୍ତମାନ ଭାରତର ସବୁଠାରୁ ଗଭୀର ଏବଂ ଆଧୁନିକ ବନ୍ଦର ମଧ୍ୟରୁ ଅନ୍ୟତମ, ଯାହା ଆମ ରାଜ୍ୟର ଅର୍ଥନୀତିର ଦ୍ରୁତ ଉନ୍ନତିରେ ସହାୟତା କରୁଛି ।

ଭାରତରେ ସାମୁଦ୍ରିକ ବ୍ୟବସାୟ ଏବଂ ବନ୍ଦରଗୁଡ଼ିକର ପରିଚାଳନା ପାଇଁ କିଛି ନିର୍ଦ୍ଦିଷ୍ଟ ଆଇନ ରହିଛି । ସେଥିମଧ୍ୟରୁ ପ୍ରମୁଖ ସାମୁଦ୍ରିକ ଆଇନ ବା Major Maritime Laws ମଧ୍ୟରେ Indian Ports Act, 1908 କାର୍ଯ୍ୟକାରୀ ହୋଇ ଅଛି । ଏହା ଭାରତର ବନ୍ଦରଗୁଡ଼ିକର ପ୍ରଶାସନ ଏବଂ ସୁରକ୍ଷା ପାଇଁ ସବୁଠାରୁ ପୁରୁଣା ଏବଂ ମୁଖ୍ୟ ଆଇନ । ଏହା ବନ୍ଦର ମଧ୍ୟରେ ଜାହାଜ ଚଳାଚଳ ଏବଂ ସେଠାରେ ଆଦାୟ ହେଉଥିବା ଟିକସ ବା Port duesକୁ ନିୟନ୍ତ୍ରଣ କରେ । ସେହିପରି Merchant Shipping Act, 1958 ଆଇନ ବଳରେ ଜାହାଜର ପଞ୍ଜିକରଣ (Registration), ନାବିକମାନଙ୍କର ଅଧିକାର ଏବଂ ସମୁଦ୍ରରେ ସୁରକ୍ଷା ନିୟମାବଳୀ ସ୍ଥିର କରାଯାଇଥାଏ । Major Port Authorities Act, 2021 ନୂତନ ଆଇନ ଅନୁଯାୟୀ, ଭାରତର ବଡ଼ ବନ୍ଦରଗୁଡ଼ିକୁ ଅଧିକ ସ୍ୱାଧୀନତା ଦିଆଯାଇଛି । ଯାହାଫଳରେ ସେମାନେ ନିଜର ନିଷ୍ପତ୍ତି ଶୀଘ୍ର ନେଇପାରିବେ ଓ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସାମିଲ ହୋଇପାରିବେ ।



ଆଇନଜୀବୀ, ଭଦ୍ରକ , ମୋ: ୯୪୩୭୧୨୮୮୪୧



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ଫର୍ମକୁ ଫେରିଲେ ତାରା

ରାଜ୍ୟର ଯେଉଁ କେତେଜଣ ଆଙ୍ଗୁଳିଗଣତି ନେତା ନିଜ ନିର୍ବାଚନମଣ୍ଡଳୀରୁ ଅନେକବାର ବିଜୟୀ ହୋଇ ରେକର୍ଡ କରିଛନ୍ତି, ସେମାନଙ୍କ ମଧ୍ୟରେ ହାତ ଦଳିଆ କୋରାପୁଟିଆ ଭାଲୁ ଜଣେ । ୨୦୧୪ରେ ପରାଜୟର ମୁହଁ ନ ଦେଖିଥିଲେ ନିର୍ବାଚନମଣ୍ଡଳୀ ପରିବର୍ତ୍ତନ ସତ୍ତ୍ୱେ କ୍ରମାଗତ ୬ ଥର ବିଧାୟକ ଭାବରେ ନିର୍ବାଚିତ ହେବାର ରେକର୍ଡ଼ ତାଙ୍କ ନାମରେ ରହିଥାଆନ୍ତା । ଯାହା ବି ହେଉ ଗଲା ଦୁଇ ଦଶନ୍ଧି ମଧ୍ୟରେ ବିଧାନସଭାରେ ରଙ୍ଗିଲା ନେତାଙ୍କ ତାଲିକା ପ୍ରସ୍ତୁତ କଲେ ତାରା ସମ୍ଭବତଃ ଶୀର୍ଷରେ ରହିବେ । କେତେବେଳେ କଡ଼ା ଇସ୍ତ୍ରୀ ଦିଆ ଭଳିକି ଭଳି ଟସର କୁର୍ତ୍ତା, କଳା ଚଷମା ତ ପୁଣି କେତେବେଳେ ହାତମୋଡ଼ା ସ୍ଲିମ୍ ସାର୍ଟ ଆଉ ଜିନ୍ସ । ଯାହା ପିନ୍ଧିଲେ ବି ତାରା ସବୁବେଳେ ଝକମକ । ମାତ୍ର ବିଧାନସଭା କମ୍ପାଇବାରେ ତାଙ୍କ ସମକକ୍ଷ ବିରୋଧୀ ବିଧାୟକ ବୋଧହୁଏ ଗତ ଦୁଇ ଦଶନ୍ଧି ମଧ୍ୟରେ ଆଉ କେହି ସୃଷ୍ଟି ହୋଇଥିବା ମନେ ହୁଏ ନାହିଁ । ହାତ ବିଧାୟକ ଦଳ ନେତା ହୋଇ ନ ପାରିବାର ଅବସୋସ ଓ ସାମୟିକ ଅସୁସ୍ଥତା ଯୋଗୁଁ କିଛିକାଳ ବିମର୍ଶ ତାରା ଆଜିକାଲି କୁଆଡ଼େ ପୁରୁଣା ଫର୍ମକୁ ଫେରିଛନ୍ତି । ବଜେଟ ଅଧିବେଶନରେ ବିନ୍ଦାସ ଭାବରେ ଟ୍ରେଜେରୀ ବେଞ୍ଚର ମନ୍ତ୍ରୀ-ବିଧାୟକଙ୍କୁ ନିଶାଣ ପଦୁଅଁ ନେତାଙ୍କୁ ଯେତିକି ବାଧିନି; ତାରାଙ୍କୁ ଘୋଡ଼ା ବନାଇବାରେ ବିଫଳତା କୁଆଡ଼େ ତା'ଠୁ ବେଶୀ କଷ୍ଟଦାୟକ ହୋଇଛି । ତାଙ୍କ ସାଙ୍ଗରେ ଝଡ଼େଇ ନ ହେବାକୁ ବିଧାନସଭାରେ ଶାସକ ଦଳକୁ ତାରା ସିଧା ଚେତାବନୀ ଦେଇଥିବାବେଳେ ଦିଲ୍ଲୀଆଡୁ ଆସୁଥିବା ଖବର ତାରାପ୍ରେମୀଙ୍କୁ ଭାରି ଉତ୍ସାହିତ କରିଛି । ସେଥିପାଇଁ ତାରା ଆଗକୁ ବିଧାନସଭାରେ ପୁଣି ରାଜୁତି କରିବେ ବୋଲି ଅନେକ କହିଲେଣି । ■



## ବିଧାନସଭାରେ ଘୋଡ଼ା

ଅନେକ କହନ୍ତି ଯେ ନୟାଗଡ଼ ଛେନାପୋଡ଼ର ସ୍ୱାଦ ଆଜିକାଲି ଆଉ ପୂର୍ବପରି ନାହିଁ; ମାତ୍ର ନୟାଗଡ଼ିଆ ଶଙ୍ଖ ନେତା ଚିରତରୁଣ ଅରୁଣଙ୍କ କବିତ୍ୱ ଆଦୌ କମିଥିବା ଆମକୁ ମନେ ହେଉନାହିଁ । ଗଲା କେଇମାସ ମଧ୍ୟରେ ଦି' ଦି'ଥର ରାଜଧାନୀରେ କବିତା ଓ ସଙ୍ଗୀତର ମଧୁର ଯୁଗଳବନ୍ଦୀ ଆୟୋଜନ କରି ଅରୁଣ ତାଙ୍କ ଜୀବନର ଆଉ ଗୋଟିଏ ଫର୍ଦ୍ଦକୁ ଲୋକଙ୍କ ସାମ୍ନାରେ ଥୋଇଥିବା ଅନେକ ଦେଖିଛନ୍ତି । ଗଲା ବିଧାନସଭାରେ ମହାନଦୀ କବିତା ଗାନକରି ଅରୁଣ ନିଜ କୋହକୁ ବଖାଣିଥିଲେ, ସେମିତି ଗଲା ବଜେଟ୍ ଅଧିବେଶନରେ ଅରୁଣଙ୍କ ଘୋଡ଼ା ତତ୍ତ୍ୱ ନବାଗତ ବିଧାୟକଙ୍କୁ କୁଆଡ଼େ ବେଶ୍ ଶିକ୍ଷଣୀୟ ହୋଇଥିବା କୁହାଯାଉଛି । ଘୋଡ଼ା ଗବେଷକମାନେ 'ହଟ୍ ବ୍ଲଡ଼', 'ୱାର୍ମ ବ୍ଲଡ଼' ଓ 'କୋଲ୍ଡ ବ୍ଲଡ଼' ତିନି ପ୍ରକାର ଘୋଡ଼ା ବିଷୟରେ ବର୍ଣ୍ଣନା କରିଥାଆନ୍ତି । ମାତ୍ର ବର୍ଗ, ବର୍ଣ୍ଣ, ଲିଙ୍ଗ ଭେଦରେ ୧୧ ପ୍ରକାର ଘୋଡ଼ାଙ୍କ ବିଷୟରେ ଅରୁଣ ବିଧାନସଭାରେ ବର୍ଣ୍ଣନା ଶୁଣି ଆମେ ତାଜୁବ । ଆରବ ଘୋଡ଼ାକୁ ସବୁଠୁ ଭଲ ବ୍ରିଡ୍ ବୋଲି ମନେ କରାଯାଏ । ବିଶେଷ ଭାବରେ ଏହି ପ୍ରଜାତି ଯୁଦ୍ଧରେ ନିପୁଣତା ହାସଲ କରିଥାଆନ୍ତି । ସେମିତି ଉଚ୍ଚତାରେ ଛୋଟ ହେଲେ ବି ଟଟୁ ଘୋଡ଼ା ଭାରି ଧୂର୍ତ୍ତ । ଆରବ ଘୋଡ଼ା ଓ ଟଟୁ ଘୋଡ଼ା ବ୍ୟତୀତ ଅରୁଣ ଅନ୍ୟ ଯେଉଁ ୯ ପ୍ରଜାତି ଚଲାକିଆ ଘୋଡ଼ା, ଗେଡ଼ା ଘୋଡ଼ା, ଗେଧା ଘୋଡ଼ା, ବଛା ଘୋଡ଼ା, ବେଇମାନ ଘୋଡ଼ା, ବେଙ୍ଗଇ ଘୋଡ଼ା, ସୁକୁମାରିଆ ଘୋଡ଼ା ଓ ଅଲିମ୍ପିକ ଘୋଡ଼ା କଥା ଉଠାଇଛନ୍ତି; ସେମାନଙ୍କ ଉଦ୍ଭବ ଓ ବିକାଶ ସୂଚନା ଦେବାରେ ଗୁଗୁଲ୍ ଗୁରୁ ବି ବିଫଳ । ଅରୁଣ ଏହି ତଥ୍ୟ କେଉଁଠୁ ପାଇଲେ କେଜାଣି ? ■



## ଫଟୋ ପାଇଁ ଏତେ ନାଟ !

ଖାଲି ଭାରତ ନୁହେଁ, ସାରା ବିଶ୍ୱରେ ଫଟୋ ପାଇଁ କାହିଁ କେତେ ନାଟ ଲାଗିଛି । ଏପ୍ଷ୍ଟିନ୍ ଫାଇଲ୍‌ର ଫଟୋ ଅନେକ ଦେଶରେ ରାଜନୈତିକ ଭୂକମ୍ପ ସୃଷ୍ଟି କରିଛି । ଅନେକ ବଡ଼ବଡ଼ ଲୋକ ନିଜ ପଦରୁ ଇସ୍ତଫା ଦେଇଛନ୍ତି; ବ୍ରିଟିଶ ଯୁବରାଜ ନିଜର ପଦ-ପରିବାର-ପ୍ରତିଷ୍ଠା ହରାଇଛନ୍ତି । ଏହିପରି କିଛି ଫଟୋ ପାଇଁ ଗଲା କିଛିଦିନ ହେଲା ମହାରାଷ୍ଟ୍ର ରାଜନୀତିରେ ସୃଷ୍ଟି କରିଛି ପ୍ରଚଣ୍ଡ ଝଡ଼, ଭଣ୍ଡ ବାବାଙ୍କଠାରୁ ଆଶୀର୍ବାଦ ନେବାର ଏକ ଫଟୋ ପାଇଁ ସେହି ରାଜ୍ୟର ମହିଳା କମିଶନଙ୍କୁ ପଦ ହରାଇବାକୁ ପଡ଼ିଛି । ଆମ ଓଡ଼ିଶାରେ ଏବେ ଏକ ଫଟୋ ନିମାପଡ଼ାରେ ନିଆଁ ଲଗାଇଥିବା ଏବେ ଶୁଣିବାକୁ ମିଳୁଛି । ଖୋଦ୍ ନିମାପଡ଼ା ଭାଇନା ସମୀର ରଞ୍ଜନ ଏହାକୁ ସ୍ୱୀକାର କରିଛନ୍ତି । ଗଲା ନିର୍ବାଚନ ଅବ୍ୟବହିତ ପୂର୍ବରୁ ନିମାପଡ଼ାର ଶୁଖିଲା ପଦ୍ମ ପୋଖରୀକୁ ତେଣ୍ଡା ଲଗାଇ ଭାଇନା ଢ଼େର ପାଣି ବୁହାଇଥିଲେ ଓ ତାଙ୍କ ଯୋଗୁଁ ଶୁଖିଲା ପୋଖରୀର ପ୍ରଭାତୀ ପଦ୍ମ ଫୁଟିଥିଲା ବୋଲି ଅନେକବାର ବୁମ୍ ଆଗରେ ଦାବି କରିଥିବା ଶୁଣିଥିଲୁ । ମାତ୍ର ଭୋଟ ପରେ ଭାଇନା ଓ ଅପା ଯେ କେହି କାହା ମୁହଁକୁ ଆଉ ଚାହିଁବେ ନାହିଁ, ସେ କଥା କେହି କେବେ ଚିନ୍ତା କରି ନ ଥିଲେ । ତେବେ ଏହି ମତାନ୍ତର ପଛରେ ଯେ ଗୋଟିଏ ଫଟୋ ଥିବ, ସେ କଥା ଅନେକଙ୍କ ଧାରଣା ବାହାରେ ଥିଲା । ଏବେ ୨୦ ମାସ ପରେ ଏହି ରହସ୍ୟକୁ ଭାଇନା ସମୀର ନିଜେ ଖୋଲିଛନ୍ତି । ଗୋଟିଏ ଫଟୋ ପାଇଁ କୁଆଡ଼େ ଅପା ତାଙ୍କ ସହ ସମ୍ପର୍କ ଛିନ୍ନ କରି ଦେଇଛନ୍ତି ବୋଲି ସମୀରଙ୍କ ଟିପ୍ପଣୀରେ କେତେ ସତ୍ୟତା ଅଛି ତାହା ଭିନ୍ନ କଥା, ମାତ୍ର ଆଗାମୀ ଦିନରେ ନିମାପଡ଼ା ରାଜନୀତି ଯେ ରୋଚକ ହେବ ଏଥିରେ କିଛି ସନ୍ଦେହ ଥିବାପରି ଲାଗୁନାହିଁ । ■



## ଚକ୍ରବର୍ତ୍ତୀଙ୍କ ଚକ୍ରବ୍ୟୂହ

ଗଲାମାସରେ ରାଜ୍ୟସଭା ନିର୍ବାଚନ ଓଡ଼ିଶା ରାଜନୀତିରେ ଯେଉଁ ନୂଆ ଅଧ୍ୟାୟଟି ସୃଷ୍ଟି କରିଛି; ତାହାର ଭବିଷ୍ୟତ ପରିଣତି କ'ଣ ହେବ ତାହା ଏବେ ଠୁ କେହି କହିବା ସମ୍ଭବ ମନେ ହେଉନାହିଁ । ମାତ୍ର ଲୋଟସ୍ ବ୍ରାଣ୍ଡର ୱାଶିଂ ମେସିନ୍ ଭିତରେ ପଶି ପୁରା ଧୋବ ଫରଫର ହେବାକୁ ମନ କରିଥିବା ଅନେକ କଳଙ୍କି ଲଗା କାଠୁଆ ନେତା ଏବେ ନୈତିକତାର ଖଇଁଚିରେ ଧରାପଡ଼ି ଛଟପଟ ହେଉଥିବା ରାଜ୍ୟବାସୀ ଦେଖିବାକୁ ପାଇଛନ୍ତି । ମୁଖା ଖସିବା ପରେ ଦଳ ମୁଖିଆ ଓ ନିଜ ଅଞ୍ଚଳବାସୀଙ୍କ ପାଖରେ ମୁହଁ ଦେଖାଇବାକୁ ସେମାନେ ସାହସ କରିପାରୁ ନାହାନ୍ତି । ସେମାନଙ୍କର ବେଇମାନୀ କେବଳ ନିଜ ଦଳର କର୍ମୀଙ୍କୁ କ୍ଷୁବ୍ଧ କରିନାହିଁ, ନିର୍ବାଚନମଣ୍ଡଳୀରେ ତାଙ୍କ ରାଜନୈତିକ ପ୍ରତିପକ୍ଷ ବି ଖଡ଼୍‌ଗହସ୍ତ । ବାଙ୍କି ଅଞ୍ଚଳରେ ବେଇମାନୀ ନିଆଁର ଝୁଲ ତ ଚାଳକୁ ଛୁଇଁଲାଣି । ପଦ୍ମ ଦଳିଆ ଚକ୍ରବର୍ତ୍ତୀଙ୍କ ତୁଷାର ବର୍ଷା ବାଙ୍କିରେ ଲୋଟସ ୱାଶିଂ ମେସିନ୍‌କୁ ବି ଅଚଳ କରିଦେଇଛି । 'ଫାଦର୍ ଏଣ୍ଡ ସନ୍' କମ୍ପାନୀର ଅଢ଼େଇ ଦଶନ୍ଧିର ରାଜନୈତିକ ବାଲାନ୍‌ସିଟ୍‌କୁ ଗୋଟିଗୋଟି କରି ସାର୍ବଜନୀନ କରି ନିଜର ଅନୁଗତମାନଙ୍କୁ ନେଇ ଚକ୍ରବର୍ତ୍ତୀ ସଜାଇଲେଣି ବିଶାଳ ଚକ୍ରବ୍ୟୂହ । ନିଜ ଅଞ୍ଚଳ ପାଇଁ ସେମାନେ ଯାହା କରିଛନ୍ତି, ତାହା ଅନ୍ୟ କେହି କରିନାହାନ୍ତି ବୋଲି ଚକ୍ରବର୍ତ୍ତୀ ସ୍ୱୀକାର କରିବା ସହ ବାଙ୍କିର ସମ୍ମାନକୁ ଝାରପଡ଼ାରେ ଚାରିମାସ ଚାରିଦିନ ପାଇଁ 'ଫାଦର୍ ଏଣ୍ଡ ସନ୍' ଯେପରି ବନ୍ଧା ପକାଇଥିଲେ, ସେପରି ଆଉ କେହି କରିଛନ୍ତି କି ବୋଲି କରିଥିବା ପ୍ରଶ୍ନର ଉତ୍ତର ଆମେ ଖୋଜି ପାଉନାହୁଁ । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।